## ଅକ୍ଷୟମୁଠି ଅନୁକୂଳ କଲେ ବିଧାୟକ

ରାଜନଗର,(ଡି.ଏନ.ଏ.): ରାଜନଗର ବ୍ଲକ ଡେରା ପଞ୍ଚାୟତ କାଠପାଙ୍ଗରା ଗାଁରେ ମଙ୍ଗଳବାର ବିଧାୟକ ଧ୍ରୁବ ସାହୁ ଅକ୍ଷୟ ତୃତୀୟରେ ବିଲରେ ପୂଜାର୍ଚ୍ଚନା ପରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ବିଧାୟକ ସାହୁ ବିଲରେ ହଳ ବୁଲାଇ ଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଡେରାର ସରପଞ୍ଚ ନିରଞ୍ଜନ ରାଉତ, ସମିତିସଭ୍ୟା ପ୍ରତିମା ସାହାଣୀ, ଆର୍ତ୍ତବନ୍ଧୁ ମହାନ୍ତି, ଯୁବନେତା ରଶ୍ମି ରଞ୍ଜନ ସାହାଣୀ, ସାଗର ପରିଡା, ସନ୍ୟାସୀ ରାଉତ, ସର୍ବେଶ୍ୱରମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହାକାଳପଡ଼ାର ଭାଜପା ବିଧାୟକ ପ୍ରାର୍ଥୀ ବିଜୟଙ୍କ ପରଲୋକ



ମହାକାଳପଡା, ୩।୫ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳର ରାଜନେତା ବିଜୟ କୁମାର ପ୍ରଧାନ(୭୪)ଙ୍କ ସୋମବାର ରାତିରେ ପରଲୋକକୁ ହୋଇଯାଇଛି। ସନ୍ଧ୍ୟାରେ ସେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ପ୍ରଧାନ ମହାକାଳପଡ଼ା ବ୍ଲକ ବାରଡ଼ାଙ୍ଗ ପଞ୍ଚାୟତର ଭିତରସୁବଳା ଗାଁରେ ୧୯୪୯ରେ ଜନ୍ମଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ସରିବା ପରେ ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରିଥିଲେ। ବାତ୍ୟା, ବନ୍ୟା ସମୟରେ ବ୍ଲକରେ ପ୍ରତି ଘରକୁ ଘର ବୁଲି ବିପନ୍ନ ପରିବାରକୁ ଭେଟିବା ସହ ଦୁଃଖ ସୁଖ ବୁଝୁଥିଲେ। ସେ ଦୁଇଥର ସ୍ଥାନୀୟ ବାରଡ଼ାଙ୍ଗ ପଞ୍ଚାୟତର ସରପଞ୍ଚ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୮୫, ୧୯୯୦, ୨୦୦୦ରେ କଂଗ୍ରେସରୁ ରାଜନଗର ବିଧାନସଭା ନିବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ହୋଇ ପରାଜୟ ହୋଇଥିଲେ। ପରେ ଭାଜପାରେ ଯୋଗଦେଇ ୨୦୧୯ରେ ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ମୃତଦେହ ଭୁବନେଶ୍ୱର ବାସଭବନରୁ ଅଣାଯାଇ ମହାକାଳପଡ଼ା ବ୍ଲକ ପରିସରରେ ପହଞ୍ଚିବା ପରେ ତାଙ୍କ ଅନୁଗତ ଓ ଶୁଭେଚ୍ଛୁମାନେ ଶେଷ ଦର୍ଶନ କରିଥିଲେ। କଂଗ୍ରେସ ରାଜ୍ୟ ମୁଖ୍ୟପାତ୍ର ଜ୍ଞାନଦେବ ବେଉରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ବାରଡ଼ାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ଭାଜପା ଯୁବନେତା ସୌଭାଗ୍ୟ ପରିଡା, ତେଜେଶ୍ୱର ପରିଡ଼ା, ଦୁର୍ଗା ପ୍ରସନ୍ନ ନାୟକ, ଉମାକାନ୍ତ ପଟ୍ଟନାୟକଙ୍କ ସମେତ ବିଧାୟକ ଅତନୁ ସବ୍ୟସାଚୀ ନାୟକ ସ୍ୱର୍ଗତ ପ୍ରଧାନଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାକାଳପଡ଼ା ପ୍ରେସ୍ କ୍ଲବ, ବ୍ଲକର ବିଭିନ୍ନ ଅନୁଷ୍ଠାନ, ବରିଷ୍ଠ ନାଗରିକମାନେ ସମବେଦନା ଜଣାଇଥିଲେ। ମରଶରୀରକୁ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରାଯିବା ପରେ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।

### ବୃହତ୍ ବନ୍ଦର କ୍ରୀଡ଼ାରେ ପାରାଦୀପ ରନର୍ସ ଅପ



ପାରାଦୀପ,୩।୫(ସ୍ୱ.ପ୍ର.): ବିଶାଖାପାଟଣାସ୍ଥିତ ଡାଇମଣ୍ଡ ଜୁବୁଲି ଇନ୍‌ଡୋର ଷ୍ଟାଡିୟମରେ ଗତ ଏପ୍ରିଲ ୨୯ ରୁ ମେ ୨ ପର୍ଯ୍ୟନ୍ତ ବୃହତ୍‌ବନ୍ଦର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ବନ୍ଦର ଦଳଗତଭାବେ ରନର୍ସଅପ ହୋଇଛି। ବିଶାଖାପାଟଣା ବନ୍ଦର ପ୍ରଥମ ସ୍ଥାନ ପାଇଥିଲା। ପାରାଦୀପ ବନ୍ଦର ପକ୍ଷରୁ ୨୨ ଜଣ ଖେଳାଳି ଏଥିରେ ଅଂଶ ଗ୍ରହଣ କରିଥିଲେ। ମହିଳା ବର୍ଗରେ ଜ୍ୟୋତ୍ସ୍ନା ପ୍ରେମ ଲାକ୍ରା ୫ଟି ସ୍ୱର୍ଣ୍ଣ ଓ ୨ ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ବର୍ଗରେ ଧୁନଚନ୍ଦ୍ର ତରାଇ ୫ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଦଳରେ ମ୍ୟାନେଜର ନିରଞ୍ଜନ ମଲ୍ଲିକ, କୋଚ ଅଜିତ ଦାସ ଓ ସଞ୍ଜୟ କୁମାର ଦାସ ଥିଲେ। ସମସ୍ତ କ୍ରୀଡାବିତଙ୍କୁ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ଧନ୍ୟବାଦ ଜଣାଇଛନ୍ତି।

### ଇଦ୍ ପର୍ବ ପାଳିତ

ବିରିଡି, ୩।୫ (ଡି.ଏନ୍.ଏ.): ବିରିଡି ଅଞ୍ଚଳର ଥିବା ମସଜିଦ୍‌ଗୁଡ଼ିକରେ ମଙ୍ଗଳବାର ଇଦ୍ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ଇଦ୍ ନମାଜ ପାଠ କରିଥିଲେ।ଏଥିସହ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ଏହି ଇଦ୍ ପର୍ବ ବିରିଡି ବ୍ଲକର ହାଜିପୁର, ବେତମାଳିଆ, ତାଞ୍ଚଣା, ଭବାନୀପୁର, ଅଢଙ୍ଗଗଡ, ଅମୁଲ ସାହି, ବାରାହପୁର, ତଳପାଟକ, ନୂଆଡଣା ଆଦି ମୁସଲମାନ ବସ୍ତିରେ ପାଳନ କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ଏହି ପର୍ବ ଶେଷ ହୋଇଥିବାରୁ ଜଗତସିଂହପୁର ଜିଲା ବିଜେଡି ସଂଖ୍ୟାଲଘୁ ସେଲ୍‌ର ସଭାପତି ମୀର ଆଜମୀର ଅଲ୍ଲୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ‘ଗୀତଗୋବିନ୍ଦ ସାରା ପୃଥିବୀରେ ଆଦୃତ’

## ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ

ଜଗତ୍‌ସିଂହପୁର ଅଫିସ,୩।୫

ରାଧା ଓ କୃଷ୍ଣଙ୍କ ଅପୂର୍ବ ପ୍ରେମ ସମ୍ପର୍କକୁ ନେଇ ମହାନ୍ କବି ଜୟଦେବ ଗୀତଗୋବିନ୍ଦ ରଚନା କରିଛନ୍ତି। ସଂସ୍କୃତରେ ଲିଖିତ ତାଙ୍କ ଏହି କାବ୍ୟରେ ଯେଉଁଭଳି ବର୍ଣ୍ଣନା କରାଯାଇଛି ତାର ପଟାନ୍ତର ନାହିଁ। ଭକ୍ତି, ପ୍ରେମ, ତାଳ, ଲୟ ଓ ଛନ୍ଦରେ ଭରପୂର ଗୀତଗୋବିନ୍ଦ କେବଳ ଓଡ଼ିଶାରେ ନୁହେଁ, ସାରା ପୃଥିବୀରେ ବେଶ ଆଦୃତ। ଏହି ମହାନ କବିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ସରକାର ରାଜ୍ୟବ୍ୟାପୀ ଜୟଦେବ ଜୟନ୍ତୀ ସମାରୋହର ଆୟୋଜନ କରୁଛନ୍ତି। ମଙ୍ଗଳବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି।

ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପୌରୋହିତ୍ୟ କରି କବି ଜୟଦେବଙ୍କୁ ଓଡ଼ିଶାର ପ୍ରଥମ କବି ବୋଲି କହିବା ସହ ତାଙ୍କ ଜୀବନୀ ଓ ଗୀତଗୋବିନ୍ଦ



ସମାରୋହକୁ କୀର୍ତ୍ତନ ମଣ୍ଡଳୀ ଆସୁଛନ୍ତି।

ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜୟଦେବଙ୍କ ରଚିତ ସଂସ୍କୃତ ଭାଷାରେ ବର୍ଣ୍ଣିତ ଗୀତଗୋବିନ୍ଦ ଆଜି ସାରା ପୃଥିବୀରେ ବିଭିନ୍ନ ଭାଷାରେ ରଚନା ସରିଲାଣି ବୋଲି ସେ କହିଥିଲେ। ପ୍ରାଧ୍ୟାପକ ଡ. ଶ୍ରୀଚରଣ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଜୟଦେବଙ୍କ ଜୀବନୀ, ସାଧନା ଓ ତତ୍ତ୍ୱ ଉପରେ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓ ବିଶିଷ୍ଟ ପାଲାଗାୟକ ତଥା ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅଭିମନ୍ୟୁ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମାରୋହ ପୂର୍ବରୁ ଜୟଦେବ ଜୟନ୍ତୀ ପାଳନ ପୂର୍ବକ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ସ୍ଥାନୀୟ କଲେଜ ଛକଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ସାହୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ଜଗତ୍‌ସିଂହପୁର ପୌରାଧକ୍ଷା ସିଂହ ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ରାଧାମୋହନ, ଲକ୍ଷ୍ମୀ ନାରାୟଣ, ବାସୁଦେବ ଓ କୁଞ୍ଜବିହାରୀ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଜେନା ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।



ଚାପ ଖେଳ ଲାଗି ଠାକୁରଙ୍କୁ ବିମାନରେ ନିଆଯାଉଛି।

# ଶ୍ରୀବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଆରମ୍ଭ

କେନ୍ଦ୍ରାପଡ଼ା ଅଫିସ, ୩।୫

ଅକ୍ଷୟତୃତୀୟା ଅବସରରେ ମଙ୍ଗଳବାର ଶ୍ରୀବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା ଓ ଚାପ ଖେଳ ପାରମ୍ପରିକ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ଏହା ଆସନ୍ତା ୨୧ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ମନ୍ଦିରର ଦ୍ୱିପ୍ରହର ଧୂପ ପୂର୍ବରୁ ଶ୍ରୀଜୀଉଙ୍କୁ ନୂତନ ଶୁକ୍ଳ ବସ୍ତ୍ର ପରିଧାନ କରାଯାଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କୁ ପଞ୍ଝି ଲହରି ଇତ୍ୟାଦି ଶୁକ୍ଳ ଫୁଲରେ ସଜ୍ଜିତ କରାଯାଇ ପ୍ରଥମେ ପଣା ପଖାଳ ଭୋଗ ଲାଗି ହୋଇଥିଲା। ଦ୍ୱିପ୍ରହର ଧୂପ ପରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋବିନ୍ଦ ଜୀଉ ଓ ମହାଲକ୍ଷ୍ମୀଙ୍କୁ ଦୋଳ ବିମାନରେ ବିଜେ କରାଯାଇ ଚନ୍ଦନ ପୁଷ୍କରିଣୀକୁ ନିଆଯାଇଥିଲା। ସେବକମାନେ ଘଣ୍ଟ, ଘଣ୍ଟା, କାହାଳି, ଛତ୍ର, ଆଲଟ, ଚାମର ଆଦି ଧରି ଚନ୍ଦନ ପୋଖରୀକୁ ଯାତ୍ରା କରିଥିଲେ। ଚାପ ଡଙ୍ଗାରେ ବିଜେ ପ୍ରତିମା ଓ ମହାଲକ୍ଷ୍ମୀଙ୍କୁ ଉପବେସନ କରାଯାଇ ପୁଷ୍କରିଣୀ ମଝିରେ ଥିବା ଚନ୍ଦନ ତଳାକୁ ନିଆଯାଇଥିଲା। ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଚନ୍ଦନ କୁଣ୍ଡରେ ଶ୍ରୀଜୀଉଙ୍କୁ ବିଧି ମୁତାବକ ଜଳାଭରଣ କରାଯାଇଥିଲା। ସନ୍ଧ୍ୟାରେ ଚାପ ଖେଳ ହୋଇଥିଲା। ଏହି ଚାପ ଖେଳ ଦେଖିବା ପାଇଁ ପୁଷ୍କରିଣୀ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ଦେସାହି ଜମିବାଡ଼ି ବିବାଦରୁ ହତ୍ୟା ଘଟଣା: ୩ ଗିରଫ

ଆଳି,୩।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଦେସାହି ଗାଁରେ ଶନିବାର ଜମିବାଡ଼ି ବିବାଦକୁ ନେଇ ବିପିନ ମଲ୍ଲିକଙ୍କୁ ହତ୍ୟା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ଯିବାକୁ ପଡିଛି। ଘଟଣାରେ ସମ୍ପୃକ୍ତ ପ୍ରଭାକର ମଲିକ, ପ୍ରଫୁଲ୍ଲ ମଲିକ ଓ ଅଶୋକ ମଲିକଙ୍କୁ ଆଇଆଇସି ଦିଲୀପ ସାହୁ ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା ମିଳିତ ଚଢ଼ାଉ କରି ଭୁବନେଶ୍ୱରରୁ ଗିରଫ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଦଫା ୧୪୭, ୧୪୮, ୩୨୫, ୫୦୬, ୩୦୨, ୧୪୯ ଆଇପିସିରେ ନଂ. ୨୫୨/୨୨ରେ ମାମଲା ରୁଜୁ କରିଥିଲା।



ଗିରଫ ହୋଇଥିବା ଅଭିଯୁକ୍ତମାନେ।

ସୂଚନାଯୋଗ୍ୟ, ଦେସାହି ଗାଁର ନାରଣ ମଲିକଙ୍କ ପରିବାର ସହ ପଡୋଶୀ ପରିବାର ମଧ୍ୟରେ ଦୀର୍ଘଦିନ ହେବା ଜମିବାଡ଼ି ବିବାଦ ଲାଗି ରହିଥିଲା। ଏହି ବିବାଦ ପଞ୍ଚାୟତରେ ସମାଧାନ ନ ହେବାରୁ ସମସ୍ତ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ସଭିଏଁ ଘରକୁ ଫେରିଥିଲେ। ପରେ ଅପରପକ୍ଷ ନାରଣ ମଲିକଙ୍କ ଭାଇ ବିପିନଙ୍କୁ ପିଟିପିଟି ମାରି ଦେଇଥିଲେ। ନାରଣ ଓ ତାଙ୍କ ପୁଅ ସୁଧୀରଙ୍କୁ ମାଡ଼ମାରି ଗୁରୁତର କରି ଦେଇଥିଲେ। ଘଟଣା ପରେ ଗାଁରେ ପୋଲିସ ମୁତୟନ ରହିଛି।

## ସିଦ୍ଧଳ ବଳଦେବଜୀଉଙ୍କ ରଥ ଅନୁକୂଳ

ଜଗତ୍‌ସିଂହପୁର ଅଫିସ,୩।୫

ଜଗତ୍‌ସିଂହପୁର ଜିଲାର ସିଦ୍ଧଳସ୍ଥିତ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ କାଠ ଅନୁକୂଳ କାର୍ଯ୍ୟ ଅକ୍ଷୟ ତୃତୀୟରେ ଅନୁଷ୍ଠିତ ହୋଇଯାଇଛି। ଏଥର ଠାକୁର ରାଜା ହୋଇଛନ୍ତି ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ। ଏହି ଅବସରରେ ଶ୍ରୀବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟ ପୂଜକମାନଙ୍କ ପକ୍ଷରୁ ପୂଜାର୍ଚ୍ଚନା ପରେ ବିଶ୍ୱକର୍ମା ସତ୍ୟବାଦୀ ମହାରଣା, ନଟବର ମହାରଣା ଓ ବଟକୃଷ୍ଣ ମହାରଣା ପ୍ରମୁଖଙ୍କୁ ରଥ କାର୍ଯ୍ୟ ନିର୍ମାଣ ନିମନ୍ତେ ନୂତନ ବସ୍ତ୍ର ଓ ଆଜ୍ଞାମାଳ ଠାକୁର ରାଜା ପ୍ରଦାନ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି କାଳୀକିଙ୍କର ଆଚାର୍ଯ୍ୟ, ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡ଼ା, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାଶ, କିଶୋର ଦାଶ, ମାନସ ସ୍ୱାଇଁ ଓ ଜୟପ୍ରକାଶ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ବ୍ରହ୍ମ ତାଳଧ୍ୱଜ ରଥକାଠ ଅନୁକୂଳ

କେନ୍ଦ୍ରାପଡ଼ା ଅଫିସ, ୩।୫

ଆସନ୍ତା ଜୁଲାଇ ୧ ତାରିଖରେ ରଥଯାତ୍ରା। ଏହାର ପରଦିନ ଅର୍ଥାତ୍ ୨ ତାରିଖରେ କେନ୍ଦ୍ରାପଡ଼ା ଜିଲାର ଆରାଧ୍ୟ ଦେବ ତଥା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା’ ମନ୍ଦିର ଅଭିମୁଖେ ଯାତ୍ରା କରିବ। ଏହି ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟତୃତୀୟା ତିଥି ଅବସରରେ କାଠ ଅନୁକୂଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରଥକାଠ ଅନୁକୂଳ ପାଇଁ ଅପରାହ୍ନରେ ଶ୍ରୀବଳଦେବଜୀଉ ଦେବୋତ୍ତର ସଂସ୍ଥା ପକ୍ଷରୁ ଚିହ୍ନଟ କରାଯାଇଥିବା ଆମ୍ବ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସେବାୟତଙ୍କ ମାଧ୍ୟମରେ ଏକ ଖଣ୍ଡ ଡାଳ ଛେଦନ କରାଯାଇ ମନ୍ଦିର ପରିସରକୁ ନିଆଯାଇଥିଲା। ସେଠାରେ ବିଧି ମୁତାବକ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଇଛି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କରୋନା ମହାମାରୀ ନିର୍ଦ୍ଦେଶ ଅନୁଯାୟୀ ଦୁଇବର୍ଷ ଧରି ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ନ ଥିଲା। ଚଳିତବର୍ଷ ରଥ ନିର୍ମାଣ ପାଇଁ ପ୍ରାୟ ୪୭୦ କ୍ୟୁବିକ ଫିଟ (ସିଫଟ) କାଠ ଆବଶ୍ୟକ ଅଛି। ଏଥିପାଇଁ ବଡ଼ମ୍ବା, ନରସିଂହପୁର ବନ ବିଭାଗ ସହ ଯୋଗାଯୋଗ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ରଥ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯିବ। ସୂଚନାଯୋଗ୍ୟ, ଏହି ରଥର ଉଚ୍ଚତା ୬୫ ଫୁଟ। ଏହାର ଚକ ସଂଖ୍ୟା ୧୪। ମୋଟ ୧୦୧୩ ଖଣ୍ଡ କାଠରେ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ହୋଇଥାଏ।

# ଘଣ୍ଟ ବଜାଇ ପ୍ରତିବାଦ ପାଇଁ ପ୍ରସ୍ତୁତି

## ଜନଆନ୍ଦୋଳନକାରୀ, ବିରୋଧୀ ନେତାଙ୍କ ଢିଙ୍କିଆ ଗସ୍ତକୁ ବିରୋଧ

କୁଜଙ୍ଗ, ୩।୫(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାର ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ପୋଲିସର ନିର୍ଯାତନା ସମ୍ପର୍କରେ ଅଭିଯୋଗ କରି କଂଗ୍ରେସ, ସିପିଆଇ ଅନ୍ୟ ରାଜନୈତିକ ଦଳ ଆନ୍ଦୋଳନକାରୀ ନେତା ବୁଧବାର ଢ଼ିଙ୍କିଆ ଗସ୍ତ କରିବେ। ସେମାନେ ସ୍ଥାନୀୟ ଲୋକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ। ଏ ନେଇ ଏପ୍ରିଲ ୨୮ରେ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ସେମାନେ ଏକତ୍ରିତ ହୋଇ ଗଣମାଧ୍ୟମକୁ ଅବଗତ କରାଇଥିଲେ। ଉକ୍ତ ଖବର ଜଣାପଡିବା ପରେ ଢିଙ୍କିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କ ଏହି ଗସ୍ତକୁ ବିରୋଧ କରିବା ପାଇଁ ଢିଙ୍କିଆ ଗ୍ରାମ ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ନେଇ ଗାଁରେ ସଭା କରାଯିବା ସହ ଘଣ୍ଟ ବାଡ଼ା ଚାଲିଛି। ବୁଧବାର ଭୋରରୁ ପୁଣି ଘଣ୍ଟ ବାଡାଯିବ। ଆବଶ୍ୟକସ୍ଥଳେ ରାଜନୈତିକ ଓ ଜନ ଆନ୍ଦୋଳନକାରୀ ନେତାଙ୍କୁ ଗ୍ରାମରେ ପୂରାଇ ଦିଆଯିବନାହିଁ ବୋଲି କମିଟି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏଭଳି ବହୁ ଶିଳ୍ପ ବିରୋଧୀ ନେତା ଅତୀତରେ ଗ୍ରାମକୁ ଆସି ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି କରି ଭାଇଚାରା ନଷ୍ଟ କରୁଛନ୍ତି। ସମ୍ପୃକ୍ତ ନେତାଙ୍କ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପୋଲିସ ଓ ପ୍ରଶାସନ ଦାୟୀ ରହିବ ବୋଲି ଉପଦେଷ୍ଟା ନିର୍ଭୟ ସାମନ୍ତରାୟ, ସଭାପତି ନୃସିଂହ ରାଉତ, ସମ୍ପାଦକ ପ୍ରଶାନ୍ତ ଲେଙ୍କା, ବିବେକାନନ୍ଦ ସ୍ୱାଇଁ ଓ ସଂଗ୍ରାମ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି, ପ୍ରତ୍ୟେକ ଲୋକ ଗ୍ରାମ ମଧ୍ୟକୁ ପ୍ରବେଶ କରିବା ହେଉଛି ଗଣତାନ୍ତ୍ରିକ ଅଧିକାର। ଯଦି ଗ୍ରାମବାସୀମାନେ ସେମାନଙ୍କୁ ବିରୋଧ କରନ୍ତି ଓ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପୋଲିସ୍ ସଜାଗ ରହିଛି।

# ଖବରକାଗଜ ବିତରକ ସଂଘର ବାର୍ଷିକ ବୈଠକ

ପାରାଦୀପ,୩।୫(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥିତ ଆମ୍ବେଡ଼କର ଭବନରେ ପାରାଦୀପ ଖବରକାଗଜ ବିତରକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିମାଇଁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଅନ୍ୟ କେତେଜଣ ଖବରଦାତା ଓ ବୁଦ୍ଧିଜୀବୀ ଏଥିରେ ଯୋଗ ଦେଇ ବିତରକଙ୍କ ସଂଘର୍ଷ ସମସ୍ୟା ଉପରେ




ବୈଠକରେ ଯୋଗ ଦେଇଥିବା ଅତିଥିମାନେ ।

ଆଲୋକପାତ କରିଥିଲେ। ଏହି ଅବସରରେ ବିତରକମାନଙ୍କୁ କିପରି ସରକାରୀ ଯୋଜନାରେ ସାମିଲ କରାଯାଇ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଅଧକ୍ଷ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ। ବିତରକ ପ୍ରଦୀପ ଜେନା, ବାବାଜୀ ସୂତାର, ଚନ୍ଦନ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବିଭିନ୍ନ ସ୍ଥାନରେ ଅକ୍ଷିମୁଠି ଅନୁକୂଳ



ରଘୁନାଥପୁରଠାରେ ଅକ୍ଷିମୁଠି ଅନୁକୂଳ ଲାଗି ପୂଜାର୍ଚ୍ଚନା ଚାଲିଛି।

ବାଲିକୁଦା/ରଘୁନାଥପୁର/ପାରାଦୀପ, ୩।୫(ସ୍ୱ.ପ୍ର./ଡି.ଏନ୍.ଏ.)

ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆରେ ଜିଲାସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପର୍ବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଅନ୍ୟତମ ଅତିଥି ଭାବେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ମନୋଜ ଭୋଇ, ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ପ୍ରିୟମ୍ବଦା ପଲାଉର, ଆତ୍ମା ଅଧକ୍ଷ ଜଟାଧାରୀ ଦାସ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ଉନ୍ନତି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଜିଲା କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ ମୁଖ୍ୟ କୃଷି ଅଧିକାରୀ ରାଜକିଶୋର ଦାସ ଅଧକ୍ଷତା କରିଥିବାବେଳେ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ ସେଠୀ ଧନ୍ୟବାଦ ଦେଇଥିଲେ। ସେହିପରି ରଘୁନାଥପୁର ବ୍ଲକ ରେଡ୍ଡୁଆ ନୂଆଗଡ଼ସ୍ଥିତ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ନିଆରା ଢଙ୍ଗରେ ଅକ୍ଷିମୁଠି ଅନୁକୂଳ ହୋଇଥିଲା। ଏହି ଅବସରରେ ୧୫ଟି ଗ୍ରାମର ଚାଷୀ ଏକତ୍ରିତ ହୋଇ ୧୫ କିସମ ଧାନ ବିହନକୁ ଅନୁକୂଳ କରିଥିଲେ। ଅନୁଷ୍ଠାନର ସଦସ୍ୟ କ୍ଷେତ୍ରମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ବିଜନ କୁମାର ନାୟକ, ଶାନ୍ତିଲତା ଦ୍ୱିବେଦୀ, କୃଷ୍ଣପ୍ରିୟା ବିଶ୍ୱାଳ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପାରାଦୀପ ଉପକଣ୍ଠ ଜିରୋ ପଏଣ୍ଟଠାରେ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ ପଟ୍ଟନାୟକ, କୃଷକ ନେତା ବୈଷ୍ଣବ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଇଦ୍-ଉଲ୍-ଫିତରରେ ସମୂହ ନମାଜ ପାଠ

କେନ୍ଦ୍ରାପଡ଼ା ଅଫିସ/ପାଟକୁରା/ ଡେରାବିଶ/ ଆଳି, ୩।୫(ଡି.ଏନ.ଏ./ସ୍ୱ.ପ୍ର.)

ପବିତ୍ର ରମ୍‌ଜାନ ମାସ ଶେଷରେ ମୁସଲମାନ ସମ୍ପ୍ରଦାୟର ଇଦ୍-ଉଲ-ଫିତର ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିପାଇଁ କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ଥିବା ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ ହୋଇଥିଲା। ଏଥିସହ ପରସ୍ପରକୁ କୋଳାଗ୍ରତ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସେହିପରି ସୋମବାର ସନ୍ଧ୍ୟାରୁ ସହରର ମସ୍‌ଜିଦଗୁଡ଼ିକୁ ଆଲୋକମାଳାରେ ସଜ୍ଜା ଯାଇଥିଲା। ସହରସ୍ଥ ପୁରୁଣା ଇଦ୍‌ଗା ସମେତ ଫକୀରାବାଦରେ ସକାଳ ୮ଟା, ରସୁଲାବାଦ ମସ୍‌ଜିଦ ଓ ନୂଆ ଇଦ୍‌ଗାହରେ ସାଢେ ୯ରେ ସମୂହ ନମାଜ ପାଠ ହୋଇଥିଲା। ସେହିପରି ସହରର ସଲଫିଆ ଇଦ୍‌ଗାଠାରେ ସକାଳ ୭ଟାରେ ସମୂହ ନମାଜ ପାଠ ହୋଇଥିଲା। ସୂଚନାଯୋଗ୍ୟ, ଏଠାରେ ପ୍ରତିବର୍ଷ ପରି ମହିଳାମାନେ ସମୂହ ନମାଜ ପାଠ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଗଣେଶ୍ୱର ବେହେରା, ଯୁବ ବିଜେଡି ସଭାପତି ରାଜେଶ ଦାସ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ସେକ୍ ଇନାୟତ ଖାଁ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, କଂଗ୍ରେସ ନେତା



କେନ୍ଦ୍ରାପଡ଼ାର ନୂଆ ଇଦ୍‌ଗାରେ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରୁଛନ୍ତି।

ସୌମେନ୍ଦ୍ର ପୃଷ୍ଟି, ଭାଜପା ନେତା ସଲିମ ଖାଁ ପ୍ରମୁଖ ବିଭିନ୍ନ ସାହି ଓ ମସ୍‌ଜିଦ ନିକଟରେ ପହଞ୍ଚି ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡା ପଞ୍ଚାୟତ ଭରସିଂସ୍ଥିତ ଜୁମା ମସ୍‌ଜିଦରେ ସମୂହ ନମାଜ ପାଠ ହୋଇଥିଲା। ଏଥିରେ ଭରସିଂ, ଦୋବନ୍ଧା, ବଉଳପଡା, ପଳସିଂହାର ହଜାରରୁ ଅଧିକ ମୁସଲମାନ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।

ସେହିପରି ଗରଦପୁର ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିବା ପରେ ହିନ୍ଦୁ ଭାଇମାନେ ସେମାନଙ୍କୁ ଭେଟି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବ୍ଲକ୍ ଅଧକ୍ଷ ଅଭୟ ମହାରାଜ, ସରପଞ୍ଚ ମାନସ କୁମାର ରାଉତ, ସୟଦ ଜମିଲ ଅଖତର, ଅବ୍ଦୁଲ କାଲାମ (ମୁନା ସର୍ଦ୍ଦାର), ମୀର ଗୋଲାମ ଜିଲାନୀ ପ୍ରମୁଖ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ।

ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ସାହିରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ପ୍ରାଧ୍ୟାପକ ଅଜୟ ରାଉତ, ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ, ପ୍ରାକ୍ତନ ଅଧକ୍ଷ ସରୋଜକାନ୍ତ ସାହୁ, ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ଭାଜପା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ ବିଭିନ୍ନ ଇଦ୍‌ଗାରେ ପହଞ୍ଚି ମୁସଲମାନ ଭାଇଙ୍କୁ ଇଦ୍ ପର୍ବର ଅଭିନନ୍ଦନ ଜଣାଇଥିଲେ।

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ବିଭିନ୍ନ ଗାଁରେ ବସବାସ କରୁଥିବା ମୁସଲମାନମାନେ ଇଦ୍ ପର୍ବ ପାଳନ କରିଛନ୍ତି। ମୁସଲମାନ ଭାଇମାନଙ୍କ ଇଦ୍‌ଗା ପଡିଆରେ ସାମୂହ ନମାଜ ପାଠ ପରେ ଆଳି ବିଧାୟକ ପ୍ରତାପ ଦେବ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲଙ୍କ ସମେତ ଅନ୍ୟମାନେ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

**ଏପ୍ରିଲରେ ୨୪% ଅଭିବୃଦ୍ଧି**

**ନୂଆଦିଲ୍ଲୀ:** କ୍ରମାଗତ ଭାବରେ ଦେଶର ରପ୍ତାନି ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ସୂଚନା ଅନୁସାରେ ଏପ୍ରିଲରେ ଭାରତରୁ ବିଭିନ୍ନ ଜିନିଷର ରପ୍ତାନି ୨୪.୨୨% ବୃଦ୍ଧି ଘଟି ୩୮.୧୯ ବିଲିୟନ ଡଲାରରେ ପହଞ୍ଚିଛି। ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପେଟ୍ରୋଲିୟମ୍, ଇଲେକ୍ଟ୍ରୋନିକ୍ସ ଏବଂ ରସାୟନ ଉତ୍ପାଦ ଭଳି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଦ୍ୱାରା ରପ୍ତାନିରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।

## ସଂକ୍ଷେପରେ

### କୋଇଲା ଯୋଗାଣରେ ୭.୬% ହ୍ରାସ

**ନୂଆଦିଲ୍ଲୀ,୩।୫:** ଏପ୍ରିଲରେ ଦେଶର ଘରୋଇ କୋଇଲା ଯୋଗାଣ ଲକ୍ଷ୍ୟରେ ୭.୬% ହ୍ରାସ ଘଟିଛି। ନିଜସ୍ୱ ବ୍ୟବହାର ଉଦ୍ଦେଶ୍ୟରେ କମ୍ପାନୀଗୁଡ଼ିକର ମାଲିକାନାରେ ଥିବା ଖଣିଗୁଡ଼ିକରୁ ଉତ୍ପାଦନ ଆବଶ୍ୟକତାଠାରୁ ୩୩% କମ୍ ରହିଥିବା ଏହାର ପ୍ରମୁଖ କାରଣ। ଏହାଛଡ଼ା ବିତରଣ ପାଇଁ ଟ୍ରେନ୍‌ର ଅଭାବ ବିଦ୍ୟୁତ୍ ସଙ୍କଟକୁ ଆହୁରି ବଢ଼ାଇଦେଇଥିଲା। ସୂଚନାଯୋଗ୍ୟ, ଏପ୍ରିଲରେ ବିଦ୍ୟୁତ୍ ଚାହିଦା ଉଚ୍ଚ ସ୍ତରରେ ଥିବାରୁ ଗତ ୬ବର୍ଷ ମଧ୍ୟରେ ଦେଶକୁ ଅତ୍ୟଧିକ ବିଦ୍ୟୁତ୍ ସଙ୍କଟର ସାମ୍ନା କରିବାକୁ ପଡ଼ିଥିଲା। ଏହାଛଡ଼ା ଚଳିତ ବର୍ଷ ଗତ ୪ ଦଶନ୍ଧି ମଧ୍ୟରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ରହିବ ବୋଲି ଆଶା କରାଯାଉଛି। ଏପ୍ରିଲରେ ବିଦ୍ୟୁତ୍ କ୍ଷେତ୍ରରେ ଦେଶର କୋଇଲା ଯୋଗାଣ ୬୧.୭୨ ମିଲିୟନ ଟନ୍ ରହିଥିଲା। ତେବେ ଉକ୍ତ କ୍ଷେତ୍ର ପାଇଁ ଏପ୍ରିଲରେ ୬୬.୮ ମିଲିୟନ ଟନ୍ କୋଇଲା ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆ କୋଇଲା ଯୋଗାଣ କ୍ଷେତ୍ରରେ ବାର୍ଷିକ ୮୦% ଅଂଶୀଦାର। ଏହା ଗତ ବର୍ଷ ଅପେକ୍ଷା ୧୫.୬% ଅଧିକ ଅର୍ଥାତ୍ ୪୯.୭ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଛି। ତଥାପି କୋଲ୍ ଇଣ୍ଡିଆ ଚଳିତ ବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ୫୧ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟଠାରୁ କମ୍ ରହିଛି।

### କୋହିନୁରକୁ ଅଧିଗ୍ରହଣ କଲା ଆଦାନୀ ୱିଲ୍‌ମର

**ନୂଆଦିଲ୍ଲୀ,୩।୫:** ଗୌତମ ଆଦାନୀଙ୍କ ଆଦାନୀ ୱିଲ୍‌ମର ପକ୍ଷରୁ ମଙ୍ଗଳବାର ସୁଇଜରଲାଣ୍ଡର ଅଗ୍ରଣୀ କମ୍ପାନୀ ମ୍ୟାକ୍‌କାର୍ମିକ୍‌ର ପ୍ରସିଦ୍ଧ ପ୍ରିମିୟମ୍ ରାଇସ୍ ବ୍ରାଣ୍ଡ୍ 'କୋହିନୁର'କୁ ଅଧିଗ୍ରହଣ କରାଯାଇଛି। ଆଦାନୀ ୱିଲ୍‌ମର ପକ୍ଷରୁ ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ, କୋହିନୁର ବ୍ରାଣ୍ଡ୍ ଅନ୍ତର୍ଗତ କୋହିନୁର ବାସ୍‌ମତି ଚାଉଳ, ରେଡ଼ି ଟୁ କୁକ୍ ଓ ରେଡ଼ି ଟୁ ଇଟ୍ କରୀ ଏବଂ ମିଲ୍‌ସ ପୋର୍ଟଫୋଲିଓର ଅଧିଗ୍ରହଣ କରାଯାଇଛି। କୋହିନୁର ଭାରତରେ ଏକ ବିଶ୍ୱସନୀୟ ବ୍ରାଣ୍ଡ୍ ଏବଂ ଗ୍ରାହକମାନେ ଏହାକୁ ବିଶେଷ ପସନ୍ଦ କରିଥାନ୍ତି। କମ୍ପାନୀର ବ୍ୟବସାୟିକ କୌଶଳ ଅନୁସାରେ ଅଧିକ ମାର୍ଜିନ୍ ଥିବା ଉତ୍ପାଦରେ ବିସ୍ତାର କରିବା ଯୋଜନା ନେଇ ଏହି ଅଧିଗ୍ରହଣ କରାଯାଇଥିବା ଆଦାନୀ ୱିଲ୍‌ମର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଅଂଶୁ ମଲ୍ଲିକ କହିଛନ୍ତି। ଏହାଛଡ଼ା ପ୍ୟାକେଜ୍‌ଡ ଫୁଡ୍ ଇଣ୍ଡଷ୍ଟ୍ରିରେ ବର୍ତ୍ତମାନ ବିକାଶର ଅନେକ ସମ୍ଭାବନା ରହିଥିବା ମଧ ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଦାନୀ ୱିଲ୍‌ମର ଫର୍ଚ୍ୟୁନ୍ ବ୍ରାଣ୍ଡ୍ ପକ୍ଷରୁ ଖାଇବା ତେଲ ଏବଂ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇଥାଏ। ଏହାପୂର୍ବରୁ କମ୍ପାନୀ ପଶ୍ଚିମବଙ୍ଗର ଏକ ରାଇସ୍ ପ୍ରୋସିଡିଂ ୟୁନିଟ୍ କ୍ରୟ କରି ଚାଉଳ ସେକ୍ଟରରେ ପ୍ରବେଶ କରିଥିଲା।

# ଓଡ଼ିଶାରେ ୧୭୦ କୋଟିର ବ୍ୟବସାୟ



- ୫ବର୍ଷ ପରେ ଆଶାନୁରୂପ କାରବାର
- ଅଫର ସାଙ୍ଗକୁ ଆକର୍ଷଣୀୟ ସୁବିଧା ପ୍ରଦାନ

**ଭୁବନେଶ୍ୱର,୩।୫**

ଓଡ଼ିଆ ପରମ୍ପରାରେ ପବିତ୍ର ଅକ୍ଷୟ ତୃତୀୟା ଅନେକ କାରଣରୁ ଶୁଭ ବୋଲି ଧରାଯାଏ। ଏହିଦିନ ମହାପ୍ରଭୁଙ୍କ ରଥକାଠ ଅନୁକୂଳଠାରୁ ଅନେକ କିଛି ଶୁଭ ସମୟ ପଡ଼ିଥାଏ। ଫଳରେ ହିନ୍ଦୁ ରୀତିନୀତି ଅନୁସାରେ ଅକ୍ଷୟ ତୃତୀୟାରେ ଲୋକମାନେ କିଛି ମୂଲ୍ୟବାନ୍ ବସ୍ତୁ ନିଜ ସକ୍ଷମ ଅନୁସାରେ ଘରକୁ କ୍ରୟକରି ଆଣିଥାନ୍ତି। କାରଣ ମୂଲ୍ୟବାନ୍ ବସ୍ତୁ (ସୁନା, ରୁପା ଓ ହୀରା) ଆଦି ଉଭୟ ଘର, ପରିବାର ପରିଜନଙ୍କ ପାଇଁ ଶୁଭଙ୍କର ବୋଲି ବିଶ୍ୱାସ ରହିଛି। ବିଶେଷକରି ଚଳିତ ବର୍ଷ ବନ୍ୟା, ବାତ୍ୟା କିମ୍ବା କୋଭିଡ୍‌ର ଭୟ ଓ ସମସ୍ୟା ନ ଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟଙ୍କ ମନରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଛି। ବିଭିନ୍ନ କାରଣ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଗତ ୫ବର୍ଷ ହେବ ପାର୍ବଣ ଉତ୍ସବର କାରବାର ମାନ୍ଦା ରହିଥିଲା। ଏପରିକି ଗତ ୨ବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁ ଅକ୍ଷୟ ତୃତୀୟା ସୁନା ବ୍ୟବସାୟ ଏକ ପ୍ରକାର ବନ୍ଦ ରହିଥିଲା।

ଏ ବର୍ଷ ସବୁ କିଛି ଠିକ୍ ଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟୀ ଚଳିତ ବର୍ଷର ଅକ୍ଷୟ ତୃତୀୟାକୁ ଭଲ ଭାବେ ପାଳନ କରିବା ସହ କାରବାର ମଧ ଆଶାନୁରୂପ ହୋଇଥିବା ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ଗହଣା ବ୍ୟବସାୟୀ ଓ ପ୍ରତିଷ୍ଠାନଗୁଡିକ ପକ୍ଷରୁ କୁହାଯାଇଛି। ଏପରିକି ସରକାରଙ୍କ କୋଭିଡ୍ ନିୟମାବଳୀ ମଧ୍ୟରେ ତୃତୀୟା ପର୍ବ ପାଳନ କରାଯାଇଥିବା ସୁନା ବ୍ୟବସାୟୀମାନେ କହିଛନ୍ତି। ଗ୍ରାହକଙ୍କ ଚାହିଦା ଓ ବିବାହ ଋତୁକୁ ଆଖି ଆଗରେ ରଖି ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ ଅଫର ଓ ସୁବିଧା ପ୍ରଦାନ କରାଯାଇଥିଲା। ସେହିପରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଷ୍ଠାନରେ ନୂତନ ଉତ୍ପାଦ ଓ ଡିଜାଇନର ସମ୍ଭାର ଓ ପ୍ରଦର୍ଶନୀ ମଧ କରାଯାଇଥିଲା।

ବିଶେଷକରି ଗତ ୨ ସପ୍ତାହ ହେବ ଉଭୟ ସୁନା ଓ ରୁପା ମୂଲ୍ୟ ମଧ ପୂର୍ବାପେକ୍ଷା କିଛି ପରିମାଣରେ କମ୍ ରହିଛି। ତା' ସହିତ ବୁଧବାର ଓଡ଼ିଶାରେ ଅନେକ କାରଣରୁ ଶୁଭ ଦିନ ଓ ପର୍ବ ଭିତ୍ତିକ ଦିନ ଥିବାରୁ ରାଜ୍ୟ ସମସ୍ତ ପ୍ରମୁଖ ଗହଣା ଦୋକାନରେ ଗ୍ରାହକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ବୁଧବାର ସକାଳ ୯ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ସୁନା ଦୋକାନଗୁଡ଼ିକରେ ଲାଗି ରହିଥିଲା। ଖରା ପାଇଁ ମଧ୍ୟାହ୍ନରେ ବ୍ୟବସାୟ କିଛି ପରିମାଣରେ ହ୍ରାସ ପାଇଥିଲେ ମଧ ମୋଟାମୋଟି ଭାବେ ଅକ୍ଷୟ ତୃତୀୟା ବ୍ୟବସାୟ ବ୍ୟବସାୟୀଙ୍କ ଆଶାନୁସାରେ ହୋଇଥିବା କୁହାଯାଇଛି।

ବୁଧବାର ଭୁବନେଶ୍ୱରରେ ସୁନା ଦର ୪୫,୦୦୦ରୁ ୪୭,୦୦୦ ଟଙ୍କା ରହିଥିବା ବେଳେ ରୁପା ମୂଲ୍ୟ କେଜି ପିଛା ୬୮,୦୦୦ଟଙ୍କା ରହିଥିଲା। ସେହିଭଳି ହୀରା ମୂଲ୍ୟ କ୍ୟାରେଟ ପିଛା ୮୦,୦୦୦ ରହିଥିବା ସୂଚନା ମିଳିଛି। ବର୍ତ୍ତମାନ ସମୟରେ ଉଭୟ ସୁନା ଓ ହୀରା ମୂଲ୍ୟ ପୂର୍ବାପେକ୍ଷା କମ୍ ଥିବାରୁ ଆଗକୁ ବାହାଘର ଓ ଅନ୍ୟନ୍ୟା ପାର୍ବଣ ଓ ଶୁଭକାର୍ଯ୍ୟ ରହିଥିବା ଯୋଗୁ ଅକ୍ଷୟ ତୃତୀୟାରେ ଭଲ କାରବାର କରିଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ପ୍ରାୟ ୧୭୦ କୋଟି ଟଙ୍କାର ସୁନା,ରୁପା ଓ ହୀରାର କାରବାର ହୋଇଛି। ସେହିପରି ଭୁବନେଶ୍ୱରର ପ୍ରମୁଖ ସୁନା ଶୋ'ରୁମ୍‌ଗୁଡିକ ପ୍ରାୟ ୭୦ କୋଟି ଟଙ୍କାର କାରବାର କରିଥିବା ବେଳେ ସହରର ଅନ୍ୟ ଛୋଟବଡ଼ ସୁନା ବ୍ୟବସାୟୀ ମଧ



୫ରୁ ୧୦ କୋଟି କାରବାର କରିଥିବା ଜଣାପଡ଼ିଛି। ସେହିପରି ରାଜ୍ୟର ପ୍ରମୁଖ ସହର କଟକ, ବାଲେଶ୍ୱର, ପୁରୀ , ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଭଳି ୩୦ ଜିଲାର ସହରାଞ୍ଚଳରେ ଥିବା ସୁନା ଦୋକାନରେ ପ୍ରାୟ ୭୦ରୁ ୮୦ କୋଟି ଟଙ୍କା କାରବାର ହୋଇଥିବା ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭୁବନେଶ୍ୱରର କିଛି ପ୍ରମୁଖ ଗହଣା ଶୋ'ରୁମ୍‌ଗୁଡିକ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବହୁଦିନ ପରେ ଭଲ ପାଗ ଓ ପରିସ୍ଥିତିକୁ ଦେଖି ବ୍ୟବସାୟୀମାନେ ଅକ୍ଷୟ ତୃତୀୟା ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ଓ ଅନ୍ୟାନ୍ୟ ସୁବିଧା ଓ ଉପହାର ପ୍ରଦାନ ପରି ବିଶେଷ ସୁବିଧା ଯୋଗାଇ ଦେଇଥିବାରୁ ଚଳିତ ବର୍ଷର କାରବାର ଅନେକ ବର୍ଷର ରେକର୍ଡ ସହ ସମକକ୍ଷ ହୋଇପାରିଛି ବୋଲି କୁହାଯାଇଛି।

# ସ୍ୱର୍ଶରେ ୩ଦିନିଆ ଫେଲୋଶିପ୍ ପ୍ରୋଗ୍ରାମ




**ଭୁବନେଶ୍ୱର,୩।୫**

ଇଣ୍ଡିଆନ ଆସୋସିଏସନ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟିନାଲ୍ ଏଣ୍ଡୋ-ସର୍ଜନ (ଆଇଏଜିଇଏସ୍)ର ଓଡ଼ିଶା ଶାଖା ପକ୍ଷରୁ 'ଲାପାରୋସ୍କୋପିକ୍ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟେଷ୍ଟାଲ୍ ସର୍ଜରି ଉପରେ ଏକ ୩ ଦିନିଆ ଫେଲୋଶିପ୍ ପ୍ରୋଗ୍ରାମ ସ୍ୱର୍ଶ ହସ୍ପିଟାଲ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ଭାରତରୁ ୧୫୦ଜଣ ବରିଷ୍ଠ ସର୍ଜନ ଆସିଥିବା ଜଣାପଡ଼ିଛି। ବିଶେଷକରି ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, କୋଲକତା, ମୁମ୍ବାଇ, ଝାଡ଼ଖଣ୍ଡ, ବିହାର ଏବଂ ତାମିଲନାଡୁ ଭଳି ରାଜ୍ୟରୁ ଚିକିତ୍ସକମାନେ ଅଂଶଗ୍ରହଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମ ଏହାର ପରିଚଳନା ଅଧ୍ୟକ୍ଷ ଡା. ଚିତ୍ତରଞ୍ଜନ ଦାସ, ପରିଚଳନା ନିର୍ଦ୍ଦେଶକ ଡା. ଶ୍ରୀଜୟ ପଟ୍ଟନାୟକ, ପରିଚାଳନା ସଚିବ ଡା. ମାଧୁରୀ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଶ ହସ୍ପିଟାଲ ମୁଖ୍ୟ ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ।

ଆଇଏଜିଇଏସ୍‌ରେ ଭାରତର ବିଭିନ୍ନ ରାଜ୍ୟରୁ ୯୦୦୦ରୁ ଅଧିକ ସର୍ଜନ ପଞ୍ଜୀକରଣ କରିଛନ୍ତି। ଏହି ପଞ୍ଜୀକୃତ ସଂସ୍ଥା ସଚେତନତା, ଉନ୍ନତ ଶିକ୍ଷା, ଲାପାରୋସ୍କୋପିକ୍ ସର୍ଜରିର ମୌଳିକତା, ଉନ୍ନତ ଲାପାରୋସ୍କୋପିକ୍ ପ୍ରଣାଳୀ ଉପରେ ଧ୍ୟାନଦେବା ପାଇଁ ସଚେତନତା ଏବଂ ହ୍ୟାଣ୍ଡ-ଅନ୍-ଟ୍ରେନିଂ ଉଦ୍ଦେଶ୍ୟରେ ଗଠିତ। ଏହି ଟେକ୍ନୋଲୋଜି ଦ୍ୱାରା ସର୍ବନିମ୍ନ ଅସ୍ତ୍ରୋପଚାରରେ ରୋଗୀର ଜୀବନକୁ କମ୍ ସମୟରେ ବ୍ୟବଧାନରେ ଶୀଘ୍ର ପୁନରୁଦ୍ଧାର ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭଲ ଉପଚାର ସହିତ ସର୍ଜରିରେ ଜଟିଳତାକୁ ରୋକାଯାଇପାରିବ।

ଏହି ଅବସରରେ ଆଇଏଜିଇଏସ୍‌ର ସଭାପତି ବିଶିଷ୍ଟ ଗ୍ୟାଷ୍ଟ୍ରୋ ଏଣ୍ଡୋ ସର୍ଜନ ଡା. ଏଲ୍. ପି. ଥାଙ୍ଗାଭେଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଆଇଏଜିଇଏସ୍ ସଚିବ ଡା. ସତୀଶ ମିଧା, କୋଷାଧ୍ୟକ୍ଷ ଡା. କେ. ଗୋବିନ୍ଦରାଜ, ନିର୍ବାଚିତ ସଭାପତି ଡା. ଈଶ୍ୱରମୂର୍ତ୍ତି, ଭୂତପୂର୍ବ ସଭାପତି ଡା.ସୁନୀଲ ଡି ପପାଟ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଇସିର ଦକ୍ଷିଣ ଜୋନ୍, ଉତ୍ତର ଜୋନ୍, ପୂର୍ବ ଜୋନ୍, ପଶ୍ଚିମ ଜୋନ୍ ଏବଂ ଏଫ୍‌ଆଇଏଜିଇଏସ୍ ବୋର୍ଡର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଓଜିବିର ବୋର୍ଡ କମିଟି ବୈଠକ



**ଭୁବନେଶ୍ୱର,୩।୫**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ର ୫୮ତମ ବୋର୍ଡ କମିଟି ବୈଠକ ପୁରୀର ଜମିଦାର ପ୍ୟାଲେସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୋର୍ଡର ସମସ୍ତ ସଦସ୍ୟ ଯଥା ଓଜିବିର ଅଧ୍ୟକ୍ଷ ମୋହନ. ଏମ୍, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ମହାପ୍ରବନ୍ଧକ ସୁଶୀଲ ଚନ୍ଦ୍ର ମହନ୍ତ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଦିଲୀପ କୁମାର ବାରିକ, ନାବାର୍ଡର ଉପ ମହାପ୍ରବନ୍ଧକ ରାମଚନ୍ଦ୍ର ସାହୁ, ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ ମହାପ୍ରବନ୍ଧକ ବିଶ୍ୱରଞ୍ଜନ ପାତ୍ର ଏବଂ ଅର୍ଥ ବିଭାଗର ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ଆର୍ଥିକ ବର୍ଷ ୨୦୨୧-୨୨ର ବାଲାନ୍ସ ସିଟ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଗତ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ବ୍ୟାଙ୍କ ଲାଭ ଅର୍ଜନ କରିଥିବାରୁ ବୋର୍ଡର ଅନ୍ୟ ସଦସ୍ୟମାନେ ବ୍ୟାଙ୍କ ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ତେବେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ କିପରି ଏହି ଧାରା ବଜାୟ ରଖିବ ଏବଂ ଅନାଦେୟ ଋଣ ପରିମାଣ କମ୍ ରହିବ ସେ ସମ୍ପର୍କରେ ମଧ ବୋର୍ଡର ସଭ୍ୟମାନେ ସବିଶେଷ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍. ପରିଚାଳନା କରିଥିଲେ।

### ଆଜିଠାରୁ ଏଲ୍‌ଆଇସି ଆଇପିଓ

**ନୂଆଦିଲ୍ଲୀ,୩।୫**

ସମସ୍ତ ଅପେକ୍ଷାର ଅନ୍ତ ଘଟାଇ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ତଥା ଦେଶର ସର୍ବବୃହତ୍ତ ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ) ବୁଧବାର ଲଞ୍ଚ୍ ହେବାକୁ ଯାଉଛି। ଆଇପିଓ ଅର୍ଥାତ୍ ମେ' ୪ରେ ଖୋଲିବ ଏବଂ ୪ଦିନ ପରେ ଅର୍ଥାତ୍ ୯ ତାରିଖରେ ବନ୍ଦ ହୋଇଯିବ। ଆଇପିଓ ବନ୍ଦ ହେବାର ଠିକ୍ ଏକ ସପ୍ତାହ ପରେ ଅର୍ଥାତ୍ ମେ'୧୭ରେ ଷ୍ଟକ୍ ଏକ୍ସଚେଞ୍ଜ ତାଲିକାଭୁକ୍ତ ହେବ ବୋଲି ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ (ଦିପମ୍) ସଚିବ ତୁହିନକାନ୍ତ ପାଣ୍ଡେ ଏପ୍ରିଲ୍ ୨୭ରେ ସୂଚନା ଦେଇଥିଲେ। ଏଲ୍‌ଆଇସି ଆଇପିଓ ପାଇଁ ପ୍ରତି ଇକ୍ୱିଟି ଶେୟାର ପିଛା ପ୍ରାଇସ୍ ବ୍ୟାଣ୍ଡ ୯୦୨ଟଙ୍କାରୁ ୯୪୯ଟଙ୍କା ସ୍ଥିର କରାଯାଇଛି। ଆଇପିଓରେ ନିବେଶକଙ୍କୁ ସର୍ବନିମ୍ନ ୧୫ ସଂଖ୍ୟକ ଇକ୍ୱିଟି ଶେୟାର ପାଇଁ ନିବେଶ କରିବାକୁ ପଡ଼ିବ। ଏଲ୍‌ଆଇସିର ଇସ୍ୟୁ ଦରରେ ପଲିସିଧାରକ, ଖୁଚୁରା ନିବେଶକାରୀ ଏବଂ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଆରକ୍ଷଣ ବ୍ୟବସ୍ଥା ରହିଛି।

# ଜେଏସ୍‌ଏଲ୍‌ର ଶେଷ ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୩।୫**

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍)ର କ୍ୟୁ୪ ଏଫ୍‌ୱାଇ୨୨ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ଆର୍ଥିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। କମ୍ପାନୀ ଯୋଗାଣ ଶୃଙ୍ଖଳା ଓ ଉତ୍ପାଦ ବାସ୍କେଟ ପରିଚାଳନାରେ ଆଡପ୍ଟିଭ କୌଶଳକୁ ଆପଣାଇ ଏକ ଦୃଢ଼ ପ୍ରଦର୍ଶନ ବଜାୟ ରଖିଛି। ଫଳରେ କଞ୍ଚାମାଲ ଯୋଗାଣ ଓ ସାମଗ୍ରୀରେ ଅସ୍ଥିରତା ଓ ବିଶ୍ୱସ୍ତରୀୟ ମାନ୍ଦାବସ୍ଥା ସତ୍ତ୍ୱେ କମ୍ପାନୀ ଏହାର ରପ୍ତାନି ବିକ୍ରୟ ଅନୁପାତକୁ କ୍ୟୁ୪ଏଫ୍‌ୱାଇ ୨୨ରେ ମୋଟ ବିକ୍ରୟ ପରିମାଣର ୩୨%କୁ ଦ୍ୱିଗୁଣିତ କରି କ୍ୟୁ୪ଏଫ୍‌ୱାଇ ୨୧ ତୁଳନାରେ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ବିଶେଷ ଧ୍ୟାନ ଦେଉଛି। ଏହାର ରାଜସ୍ୱ, ଇବିଆଇଡିଟିଏ ଓ ପିଏଟି କ୍ୟୁ୪ଏଫ୍‌ୱାଇ ୨୧ ତୁଳନାରେ ଯଥାକ୍ରମେ ୬୫%, ୪୬% ଓ ୧୫୨% ବୃଦ୍ଧି ପାଇଛି। ବିଶେଷକରି ଚଳିତ ବର୍ଷ ମାର୍ଚ୍ଚ ୩୧ସୁଦ୍ଧା ନିଟ୍ ବାହ୍ୟ ଡେବିଟ ଆଇଏନ୍‌ଆର୍ ୧୪୫୬ରେ ରହିଛି ଓ ଏହାର ଅନୁପାତ ୦.୬କୁ ହ୍ରାସ ପାଇଛି। ସିପିଏଲ୍‌ୱାଇ ତୁଳନାରେ କ୍ୟୁ୪ଏଫ୍‌ୱାଇ ୨୨ ପାଇଁ ସୁଧ ମୂଲ୍ୟ ୨୫% ଆଇଏନ୍‌ଆର ୬୮ କୋଟିରୁ କମ୍ ହୋଇଛି। ଏକୀଭୂତ ଭିତ୍ତିରେ ଜେଏସ୍‌ଏଲ୍ କ୍ୟୁ୪ଏଫ୍‌ୱାଇ ୨୨ରେ ଆଇଏନ୍‌ଆର୍ ୬୫୬୪ ରାଜସ୍ୱ ରେକର୍ଡ କରିଛି। ସେହିପରି ଇବିଆଇଡିଟିଏ ଓ ପିଏଟି ଯଥାକ୍ରମେ ଆଇଏନ୍‌ଆର୍ ୮୪୨ କୋଟି ଓ ୭୫୦ କୋଟି ରହିଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କମ୍ପାନୀର ରଣନୀତିକ ନିଷ୍ପତ୍ତି ଆମର ରପ୍ତାନି ବିକ୍ରୟ ଉପରେ ପର୍ଯ୍ୟବସିତ ଓ ଏଥିପାଇଁ ଆମେ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଗୁରୁତ୍ୱ ଦେଉଛୁ। ଏହା ମଧ୍ୟ ଘରୋଇ ବଜାରରେ କିଛି ଆହ୍ୱାନମୂଳକ ସେଗ୍‌ମେଣ୍ଟ ମାଧ୍ୟମରେ କମ୍ପାନୀ ପରିଚାଳନା କରିବାକୁ ସକ୍ଷମ ହୋଇଥିଲା। ଏହା ଚାଇନା ଓ ଇଣ୍ଡୋନେସିଆରୁ ସବ୍‌ସିଡିପ୍ରାପ୍ତ ଆମଦାନୀକୁ ସାମ୍ନା କରିଥିଲା। ଭିତ୍ତିଭୂମିରେ ଷ୍ଟେନ୍‌ଲେସ ଷ୍ଟିଲ୍‌ର ପ୍ରୟୋଗ ନୂଆ ସୁଯୋଗ ସୃଷ୍ଟି ଓ ଗ୍ରୀନ୍ ହାଇଡ୍ରୋଜେନ ଏବଂ ଇଥାନଲ ପରି ନୂଆ ଉତ୍ପାଦ ଓ ଇକୋ ସିଷ୍ଟମକୁ ବିକଶିତ କରିବା ଲାଗି ଗ୍ରାହକମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରିବାକୁ ପ୍ରୟାସ ଜାରି ରଖିଛୁ।



| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୩୯ | ରୟତି | ୨୧୫୦ | ଶାରଦ ଅଣଜଳସେଚିତ ଏକ | ୦.୦୪୪ | ୦.୦୨୮ | ବଂଶୀଧର ସାହୁ, ବିଦ୍ୟାଧର ସାହୁ, ଶ୍ରୀଧର ସାହୁ, ପି.: ଭରତ ସାହୁ, ନରସିଂହ ସାହୁ, ଦୁଲଣୀ ସାହୁ, ପି.: ସୁରେନ୍ଦ୍ର ସାହୁ, ଲତା ସାହୁ, ସ୍ୱା.: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜିଗାଁ |
| ୧୩୯ | ରୟତି | ୨୧୨୬ | ଶାରଦ ଅଣଜଳସେଚିତ ଏକ | ୦.୦୬୯ | ୦.୦୪୫ | |
| ୧୩୯ | ରୟତି | ୨୧୩୫ | ଶାରଦ ଅଣଜଳସେଚିତ ଏକ | ୦.୦୬୯ | ୦.୦୬୯ | |
| ୧୩୯ | ରୟତି | ୧୧୪୩ | ଶାରଦ ଅଣଜଳସେଚିତ ତିନି | ୦.୦୨୫ | ୦.୦୨୦ | |
| ୧୩୯ | ରୟତି | ୧୮୯୧ | ତଇଲା | ୦.୦୪୪ | ୦.୦୪୪ | |
| ୧୩୯ | ରୟତି | ୨୧୭୮ | ଶାରଦ ଅଣଜଳସେଚିତ ଦୁଇ | ୦.୦୫୯ | ୦.୦୫୯ | |
| ୧୩୯ | ରୟତି | ୧୮୨୪ | ଶାରଦ ଅଣଜଳସେଚିତ ତିନି | ୦.୧୦୯ | ୦.୦୫୫ | |
| ୧୩୯ | ରୟତି | ୨୧୮୦ | ଶାରଦ ଅଣଜଳସେଚିତ ଦୁଇ | ୦.୦୬୨ | ୦.୦୫୦ | |
| ୧୩୯ | ରୟତି | ୨୧୭୯ | ଶାରଦ ଅଣଜଳସେଚିତ ଦୁଇ | ୦.୦୫୯ | ୦.୦୫୯ | |
| ୧୩୯ | ରୟତି | ୧୧୪୬ | ଶାରଦ ଅଣଜଳସେଚିତ ତିନି | ୦.୦୪୪ | ୦.୦୧୦ | |
| ୧୪୦ | ରୟତି | ୧୯୫୩ | ଶାରଦ ଅଣଜଳସେଚିତ ତିନି | ୦.୦୮୬ | ୦.୦୦୨ | ବଂଶୀଧର ସାହୁ, ବିଦ୍ୟାଧର ସାହୁ, ଶ୍ରୀଧର ସାହୁ, ପି.: ଭରତ ସାହୁ, ନରସିଂହ ସାହୁ, ଦୁଲଣା ସାହୁ, ପି.: ସୁରେନ୍ଦ୍ର ସାହୁ, ଲତା ସାହୁ, ସ୍ୱା.: ସୁରେନ୍ଦ୍ର ସାହୁ, ପୁନିଆଁ ସାହୁ, ଦୁଃଖିଆ ସାହୁ, ପି.: ଅନନ୍ତ ସାହୁ, ମାଧବ ସାହୁ, ପଦ ସାହୁ, ରବତୀ ସାହୁ, ଉତରା ସାହୁ, ପି.: ଡମ ସାହୁ, ଭାମା ସାହୁ, ସ୍ୱା.: ଡମ ସାହୁ, ନରୋତମ ସାହୁ, ନୂଆଦେଇ ସାହୁ, ପାର ସାହୁ, ପି.: ଗୌରାଙ୍ଗ ସାହୁ, ଦାମୋଦର ସାହୁ, ଲେମ୍ବୁ ସାହୁ, ନାରାୟଣ ସାହୁ, ଚାଇନା ସାହୁ, କଞ୍ଚନ ସାହୁ, ମୁଳି ସାହୁ, ପି.: ପାଣ୍ଡୁ ସାହୁ, ଭାବିନି ସାହୁ, ସ୍ୱା.: ପାଣ୍ଡୁ ସାହୁ, ବିଶ୍ୱନାଥ ସାହୁ, ବୈଦେହୀ ସାହୁ, କୁନ୍ତଳା ସାହୁ, ସରସ୍ୱତୀ ସାହୁ, ତିଳୋତମା ସାହୁ, ପି.: ପଠାଣି ସାହୁ, କଇରୀ ସାହୁ, ସ୍ୱା.: ପଠାଣୀ ସାହୁ, ଜା: ଚଷା, ବା: ନିଜିଗାଁ |
| ୧୪୬ | ରୟତି | ୧୩୫୨ | ତଇଲା | ୦.୧୧୯ | ୦.୧୧୯ | ବାସୁଦେବ ପ୍ରଧାନ, ପି.: ଅଚ୍ୟୁତ ପ୍ରଧାନ, କୈଳାସ ପ୍ରଧାନ, ମାୟାଧର ପ୍ରଧାନ, ବଢ଼େଇ ପ୍ରଧାନ, ଚୂନ ପ୍ରଧାନ, ପି.: ବାବନ ପ୍ରଧାନ, ଅକ୍ଷୟ ପ୍ରଧାନ, ତମାଳ ପ୍ରଧାନ, ଦୁଃଖି ପ୍ରଧାନ, ପି.: ତୀର୍ଥ ପ୍ରଧାନ, ତୁଳେଇ ପ୍ରଧାନ, ସ୍ୱା.: ତୀର୍ଥ ପ୍ରଧାନ, ଜା: ଚଷା, ବା: ନିଜିଗାଁ |
| ୧୪୬ | ରୟତି | ୧୭୯୮ | ତଇଲା | ୦.୦୮୯ | ୦.୦୩୦ | |
| ୧୪୯ | ରୟତି | ୨୧୫୭ | ଶାରଦ ଅଣଜଳସେଚିତ ଏକ | ୦.୦୫୪ | ୦.୦୫୪ | ବିକେଇ ଜେନା, ଚଞ୍ଚଳା ଜେନା, ପି.: ମାଗୁଣି ଜେନା, ଶିବ ଜେନା, ପି.: ଗୋବିନ୍ଦ ଜେନା, ଜଗା ଜେନା, ଲୋକନାଥ ଜେନା, କନକ ଜେନା, ପୁଡ଼ି ଜେନା, ଜନକ ଜେନା, ପି.: ନଟବର ଜେନା, ବିପିନି ଜେନା, ରମ୍ଭା ଜେନା, ଗୁଣ୍ଡୁରୀ ଜେନା, ପି.: ମହାଦେବ ଜେନା, ରଇବାରି ଜେନା, ସ୍ୱା.: ମହାଦେବ ଜେନା, ସହଦେବ ଜେନା, ପି.: ଅଧିକାରୀ ଜେନା, ଜା: ଚଷା, ବା: ନିଜିଗାଁ |
| ୧୪୯ | ରୟତି | ୨୧୫୮ | ଶାରଦ ଅଣଜଳସେଚିତ ଏକ | ୦.୦୫୪ | ୦.୦୫୪ | |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୪୯ | ରୟତି | ୨୦୩୪ | ଶାରଦ ଅଣଜଳସେଚିତ ଏକ | ୦.୦୩୦ | ୦.୦୩୦ | |
| ୧୪୯ | ରୟତି | ୨୧୧୯ | ଶାରଦ ଅଣଜଳସେଚିତ ଏକ | ୦.୦୫୪ | ୦.୦୫୪ | |
| ୧୪୯ | ରୟତି | ୨୧୫୩ | ଶାରଦ ଅଣଜଳସେଚିତ ଏକ | ୦.୦୬୩ | ୦.୦୬୩ | |
| ୧୪୯ | ରୟତି | ୨୧୨୦ | ଶାରଦ ଅଣଜଳସେଚିତ ଏକ | ୦.୦୨୦ | ୦.୦୨୦ | |
| ୧୪୯ | ରୟତି | ୨୧୨୧ | ଶାରଦ ଅଣଜଳସେଚିତ ଏକ | ୦.୦୬୪ | ୦.୦୨୦ | |
| ୧୪୯ | ରୟତି | ୨୧୨୪ | ଶାରଦ ଅଣଜଳସେଚିତ ଏକ | ୦.୦୯୪ | ୦.୦୫୦ | |
| ୧୪୯ | ରୟତି | ୨୧୨୫ | ଶାରଦ ଅଣଜଳସେଚିତ ଏକ | ୦.୧୫୬ | ୦.୦୧୦ | |
| ୧୪୯ | ରୟତି | ୧୮୨୦ | ଶାରଦ ଅଣଜଳସେଚିତ ତିନି | ୦.୦୪୯ | ୦.୦୧୦ | |
| ୧୪୯ | ରୟତି | ୧୮୨୩ | ଶାରଦ ଅଣଜଳସେଚିତ ତିନି | ୦.୦୫୨ | ୦.୦୫୨ | |
| ୧୫୭ | ରୟତି | ୧୯୧୭ | ତଇଲା | ୦.୦୬୨ | ୦.୦୬୨ | ବିଦ୍ୟାଧର ସାହୁ, ପି.: ଭରତ ସାହୁ, ଦୟାନିଧି ସାହୁ, ଯୁଧିଷ୍ଠିର ସାହୁ, ଜନାର୍ଦ୍ଦନ ସାହୁ, ପି.: ବିଦ୍ୟାଧର ସାହୁ, ଜା: ଚଷା, ବା: ନିଜିଗାଁ |
| ୧୬୫ | ରୟତି | ୨୯୧୮ | ଶାରଦ ଅଣଜଳସେଚିତ ଏକ | ୦.୦୩୦ | ୦.୦୨୦ | ଭଗବାନ ମୁଦୁଲି, ପି.: କେଶବ ମୁଦୁଲି, ଜା: କୁମ୍ଭାର, ବା: କାଣ୍ଡସର |
| ୧୬୩ | ରୟତି | ୨୧୫୧ | ଶାରଦ ଅଣଜଳସେଚିତ ଏକ | ୦.୦୨୫ | ୦.୦୨୫ | ବୈକୁଣ୍ଠ ସାହୁ, ବୈଦେହୀ ସାହୁ, ପି.: ଅକ୍ରୁର ସାହୁ, କୁନ୍ତଳା ସାହୁ, ସ୍ୱା.: କୁହ୍ଲ ସାହୁ, ହାଡ଼ି ସାହୁ, ଧ୍ରୁବଣୀ ସାହୁ, ପି.: ଗଣ୍ଡ ସାହୁ, ବେଡ଼ି ସାହୁ, ସ୍ୱା.: ଗଣ୍ଡ ସାହୁ, ଜା: ଚଷା, ବା: ନିଜିଗାଁ |
| ୧୬୩ | ରୟତି | ୧୯୩୫ | ଶାରଦ ଅଣଜଳସେଚିତ ତିନି | ୦.୦୩୫ | ୦.୦୧୭ | |
| ୧୬୩ | ରୟତି | ୧୯୦୭ | ତଇଲା | ୦.୦୮୯ | ୦.୦୩୦ | |
| ୧୬୩ | ରୟତି | ୧୮୩୦ | ଶାରଦ ଅଣଜଳସେଚିତ ତିନି | ୦.୦୫୯ | ୦.୦୪୦ | |
| ୧୬୪ | ରୟତି | ୧୩୦୬ | ତଇଲା | ୦.୮୯୦ | ୦.୨୨୦ | ବୈଦ୍ୟନାଥ ପ୍ରଧାନ, ପି.: ଦୀନବନ୍ଧୁ ପ୍ରଧାନ, ଜା: ଚଷା, ବା: ନିଜିଗାଁ |
| ୧୭୧ | ରୟତି | ୨୦୧୫ | ଶାରଦ ଅଣଜଳସେଚିତ ତିନି | ୦.୦୨୫ | ୦.୦୨୫ | ମାତାଜୀ ଜେନା, ପି.: ବୈରାଗୀ ଜେନା, ଦ୍ରୌପଦୀ ଜେନା, ସ୍ୱା.: ବୈରାଗୀ ଜେନା, ହାରାବତୀ ଦେହୁରୀ, ସ୍ୱା.: ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଜା: ଚଷା, ବା:ନିଜଗାଁ, ରେବତୀ ପ୍ରଧାନ, ସ୍ୱା:କୃଷ୍ଣଚନ୍ଦ୍ର ପ୍ରଧାନ, ଜା:ଚଷା, ବା: ପାର୍ବତୀପୁର, ଦମୟନ୍ତୀ ବେହେରା, ସ୍ୱା.: ଦମୟନ୍ତୀ ବେହେରା, ଜା: ଚଷା, ବା: କୁଆଁଖରି, ହେମନ୍ତା ଜେନା, ଶୋଭାଗିନୀ ଜେନା, ପି.: ସୁଦର୍ଶନ ଜେନା, ଜା: ଚଷା, ବା: ଜାମୁଣ୍ଡା |
| ୧୭୧ | ରୟତି | ୧୮୯୭ | ତଇଲା | ୦.୦୬୭ | ୦.୦୬୦ | |
| ୧୭୧ | ରୟତି | ୧୮୪୯ | ଶାରଦ ଅଣଜଳସେଚିତ ତିନି | ୦.୧୦୪ | ୦.୦୫୦ | |
| ୧୭୧ | ରୟତି | ୨୧୮୫ | ଶାରଦ ଅଣଜଳସେଚିତ ଦୁଇ | ୦.୦୬୯ | ୦.୦୪୦ | |
| ୧୭୭ | ରୟତି | ୨୨୫୮ | ଶାରଦ ଅଣଜଳସେଚିତ ଏକ | ୦.୦୭୯ | ୦.୦୬୦ | ରଥି ସାହୁ, ଲେମ୍ବୁ ସାହୁ, ପି.: ନନ୍ଦ ସାହୁ, ବଂଶୀଧର ସାହୁ, ପି.: ସାନ୍ତରା ସାହୁ, ଜା: ଚଷା, ବା: ନିଜିଗାଁ |
| ୧୭୭ | ରୟତି | ୨୨୫୯ | ଶାରଦ ଅଣଜଳସେଚିତ ଏକ | ୦.୧୧୬ | ୦.୦୮୦ | |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୭୩ | ରୟତି | ୨୦୮୬ | ଶାରଦ ଅଣଜଳସେଚିତ ଦୁଇ | ୦.୦୯୯ | ୦.୦୧୦ | ରଘୁନାଥ ଜେନା, ନିରାଶ ଜେନା, ବିଳାସ ଜେନା, କୋକିଳ ଜେନା, ପି.: ସଦାଶିବ ଜେନା, ଯୋଗୀ ଜେନା, ଜହ୍ନ ଜେନା, ହାଡ଼ିଆଣି ଜେନା, ସଜନୀ ଜେନା, ପି.: ଭାଇଗ ଜେନା, ଜା: ଚଷା, ବା: ନିଜିଗାଁ |
| ୧୭୩ | ରୟତି | ୨୦୮୭ | ଶାରଦ ଅଣଜଳସେଚିତ ଦୁଇ | ୦.୧୦୪ | ୦.୦୨୫ | |
| ୧୭୩ | ରୟତି | ୨୧୫୯ | ଶାରଦ ଅଣଜଳସେଚିତ ଦୁଇ | ୦.୦୭୯ | ୦.୦୬୦ | |
| ୧୭୩ | ରୟତି | ୨୧୧୭ | ଶାରଦ ଅଣଜଳସେଚିତ ଏକ | ୦.୦୫୪ | ୦.୦୪୦ | |
| ୧୭୩ | ରୟତି | ୧୮୯୨ | ଶାରଦ ଅଣଜଳସେଚିତ ତିନି | ୦.୦୪୦ | ୦.୦୪୦ | |
| ୧୭୩ | ରୟତି | ୨୧୮୬ | ଶାରଦ ଅଣଜଳସେଚିତ ଦୁଇ | ୦.୦୯୪ | ୦.୦୫୦ | |
| ୧୭୩ | ରୟତି | ୨୧୧୮ | ଶାରଦ ଅଣଜଳସେଚିତ ଦୁଇ | ୦.୦୪୯ | ୦.୦୪୯ | |
| ୧୭୩ | ରୟତି | ୨୦୮୬ | ଶାରଦ ଅଣଜଳସେଚିତ ଦୁଇ | ୦.୦୯୯ | ୦.୦୧୦ | |
| ୧୯୬ | ରୟତି | ୨୮୯୧ | ଶାରଦ ଅଣଜଳସେଚିତ ଏକ | ୦.୧୨୪ | ୦.୦୭୦ | ଶ୍ରୀମତୀ ମୁଦୁଲି, ସ୍ୱା.: ଭଗବାନ ମୁଦୁଲି, ଜା: କୁମ୍ଭାର, ବା: କାଣ୍ଡସର |
| ୧୯୬ | ରୟତି | ୨୮୯୮ | ପତିତ | ୦.୦୭୯ | ୦.୦୬୦ | |
| ୧୯୬ | ରୟତି | ୨୮୯୯ | ଶାରଦ ଅଣଜଳସେଚିତ ଏକ | ୦.୧୧୯ | ୦.୧୧୦ | |
| ୧୯୫ | ରୟତି | ୨୨୫୭ | ଶାରଦ ଅଣଜଳସେଚିତ ଦୁଇ | ୦.୦୨୨ | ୦.୦୨୨ | ଶ୍ରୀନିବାସ ରଥ, ପି.: ବିପ୍ରଚରଣ ରଥ, ଜା: ବ୍ରାହ୍ମଣ, ବା: ନିଜିଗାଁ |
| ୨୦୨ | ରୟତି | ୨୧୭୦ | ଶାରଦ ଅଣଜଳସେଚିତ ଏକ | ୦.୦୮୯ | ୦.୦୫୫ | ହଟିଆ ପ୍ରଧାନ, ଶ୍ରୀକର ପ୍ରଧାନ, ତନୁ ପ୍ରଧାନ, ଗୁକୁଣୀ ପ୍ରଧାନ, ପି.: ଏକାଦୁଶିଆ ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରତାପ ପ୍ରଧାନ, ପଦ୍ମିନୀ ପ୍ରଧାନ, ପି.: ବୈରାଗୀ ପ୍ରଧାନ, ପ୍ରମିଳା ପ୍ରଧାନ, ସ୍ୱା.: ବୈରାଗୀ ପ୍ରଧାନ, ଜା: ଚଷା, ବା: ନିଜିଗାଁ |
| ୨୦୨ | ରୟତି | ୨୧୭୨ | ଶାରଦ ଅଣଜଳସେଚିତ ଏକ | ୦.୦୨୭ | ୦.୦୨୭ | |
| ୨୦୩ | ରୟତି | ୨୭୧୧ | ତଇଲା | ୦.୩୩୬ | ୦.୧୨୫ | ହାଡ଼ିଆଣୀ ବେହେରା, ସ୍ୱା.: ନିତ୍ୟାନନ୍ଦ ବେହେରା, ଜା: କୁମ୍ଭାର, ବା: କାଣ୍ଡସର |
| ୨୦୪ | ରୟତି | ୧୩୫୩ | ତଇଲା | ୦.୦୦୫ | ୦.୦୦୫ | ହାଡ଼ିବନ୍ଧୁ ମହାଳିକ, ଦିଗା ମହାଳିକ, ଗୌରଚନ୍ଦ୍ର ମହାଳିକ, ପଞ୍ଚଅଳାଇଚ ମହାଳିକ, ପି.: ଅନାଦି ମହାଳିକ, ଜା: କେଉଟ, ବା: ନିଜିଗାଁ |
| | | | | ୨୪.୭୮୩ | ୧୨.୪୩୬ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ - 'ଖ'**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଅନୁଗୋଳ, ତହସିଲ: ବଣ୍ଟରପାଳ**

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ .................................।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଅନୁଗୋଳ
OIPR-24012/14/0034/2223

## ନୀଳାଦ୍ରିବିହାରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ସିଂହପୁର,(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଚ୍ଛିପୁର ନୀଳାଦ୍ରିବିହାରର ଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ରଥଯାତ୍ରା କିପରି ପାଳନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରତନଲାଲ ଭୂୟାଁ ଏଥିରେ ସଭାପତିତ୍ୱ କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିର ଦେବାଶିଷ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅଶୋକ ଆଚାର୍ଯ୍ୟ, ଶିଶିର ଆଚାର୍ଯ୍ୟ, ସୁଧୀର ଆଚାର୍ଯ୍ୟ, ଗଗନ ବିହାରୀ ଆଚାର୍ଯ୍ୟ, ଇନ୍ଦ୍ରମଣି ସ୍ୱାଇଁ, ଭକ୍ତହରୀ ବିଶ୍ୱାଳ ଓ ସୀମାନ୍ତ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୁଧୀର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଘୋଷଣାରେ ସୀମିତ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା

**ଯାଜପୁର ଅଫିସ,୩।୫**

ଓଡିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀର ଜଳ ନମୁନା ସଂଗ୍ରହ ଓ ପରୀକ୍ଷା ୪ବର୍ଷ ତଳେ କରାଯାଇଥିଲା। ସେହି ପାଣିରେ ତୀବ୍ର ବିଷାକ୍ତ ଦ୍ରବ୍ୟ ରହିଥିବା ଜଣାପଡିଥିଲା । ହେଲେ ଆଜି ପର୍ଯ୍ୟନ୍ତ ସେହି ଜଳ ପ୍ରଦୂଷଣ ମୁକ୍ତ ହୋଇ ପାରିନାହିଁ । କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରୁ ବୋହି ଯାଉଥିବା ଭୂପୃଷ୍ଠ ଜଳ ଗଣ୍ଡନାଳା ଦେଇ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଖରସ୍ରୋତାକୁ ଜହର କରୁଛି । ଏନେଇ ଧରିତ୍ରୀରେ ନିୟମିତ ଖବର ପ୍ରକାଶ ପାଇବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୨୦୧୮ରେ ଏକ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା। ଯାହାକି ଡୁବୁରୀ ଅଞ୍ଚଳରୁ ଖରସ୍ରୋତା ତଟବର୍ତ୍ତୀ ମାର୍ଥାପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଡ୍ରେନ ନିର୍ମାଣ ହୋଇ ଏକ ଉନ୍ନତମାନର ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ସ୍ଥାପନ କରିବାକୁ ଯୋଜନା ହୋଇଥିଲା। ଏହାଦ୍ୱାରା ଗଣ୍ଡନାଳା, ଖରସ୍ରୋତା ଜଳ ପ୍ରଦୂଷଣ ମୁକ୍ତ ହୋଇପାରିବ ବୋଲି ଆଶା କରାଯାଉଥିଲା। ହେଲେ ଏହିସବୁ ଯୋଜନା କାଗଜପତ୍ରରେ ସୀମିତ ରହିଛି।

ସୂଚନା ଅନୁଯାୟୀ, କଳିଙ୍ଗନଗର ଶିଳ୍ପାଞ୍ଚଳର ବଡ଼ଶୁଣୀ ପାହାଡ଼ରୁ ଛୋଟ ଛୋଟ କେତେକ ଝରଣା ବହୁ ଥିଲା। ତେବେ ସେଠାରେ ଅନେକ ବୃହତ୍ କାରଖାନା ପ୍ରତିଷ୍ଠା ହେବା ପରେ ସେହି ଝରଣା ସବୁ ଭୂପୃଷ୍ଠରେ ଶୁଖି ଯାଇଛି । କିନ୍ତୁ ମାଟି ଭିତରେ ପାଣି ଝରି(ସିପେଜ) କେତେକ କାରଖାନା ପରିସରରେ ଭର୍ତ୍ତି ହୋଇ ଯାଉଛି । ସେହି ପାଣିକୁ ପମ୍ପ ଦ୍ୱାରା ଉଠାଇ ବାହାରକୁ ଛଡା ଯାଉଛି । ପାହାଡରୁ ଝରିଥିବା ପାଣି କାରଖାନା ମଧ୍ୟରେ ସେତେଟା ବିଷାକ୍ତ ହୋଇ ନ ଥିଲେ ହେଁ ଖାର(ଟିଡିଏସ) ଗୁଣ ଅଧିକ ଥିବା ଜଣାପଡିଛି । ତେବେ କାରଖାନାରେ ବ୍ୟବହୃତ ହେଉଥିବା ବିଭିନ୍ନ ରାସାୟନିକ ପଦାର୍ଥ ମାଟି ଉପରେ ପଡି ସେହି ବାଟଦେଇ ଉକ୍ତ ଖରା ପାଣି ଗଣ୍ଡନାଳାକୁ ବୋହୁଥିବାରୁ ତାହା ଅତି ବିଷାକ୍ତ ହୋଇଥିବା ପ୍ରମାଣିତ ହୋଇଛି । ଏହି ବିଷାକ୍ତ ପାଣି ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାକୁ ବୋହୁଛି । ଯାହାକି ପୂର୍ବରୁ ଜଳ ନମୁନା ପରୀକ୍ଷାରେ ତୀବ୍ର ବିଷାକ୍ତ ଦ୍ରବ୍ୟ ସାୟାନାଇଡ ଓ ଫେନୋଲିକ କମ୍ପାଉଣ୍ଡ (କୋଇଲାକ୍ତ ପଦାର୍ଥ) ରହିଥିବା ଜଣାପଡିଥିଲା । ଏହାର ପ୍ରତିବାଦରେ ଜନ ଆନ୍ଦୋଳନ ହେବା ସହିତ ୨୦୧୫ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ସେହି ଜନସ୍ୱାର୍ଥ ମାମଲାର ବିଚାର କରି ଗଣ୍ଡନାଳାର ଜଳ ପ୍ରଦୂଷଣକୁ ନେଇ ରାଜ୍ୟର ମୁଖ୍ୟଶାସନ ସଚିବ, ଶିଳ୍ପ , ଖଣି, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ସଚିବଙ୍କ ସମେତ ଏସ୍‌ପିସିବର ଅଧ୍ୟକ୍ଷ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଏବଂ ଝାରସୁଗୁଡା, ଯାଜପୁର, ତାଳଚେର ଓ କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲା। ବ୍ରାହ୍ମଣୀ ଓ ଏହାର ଶାଖାନଦୀଗୁଡିକର ଜଳ ପ୍ରଦୂଷଣ ମୁକ୍ତ କରିବାକୁ ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ । ଏହାପରେ ଏସ୍‌ପିସିବି ପକ୍ଷରୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀତଟବର୍ତ୍ତୀ ୪ଟିସ୍ଥାନରେ ଜଳବିଶୋଧନ ପ୍ଲାଣ୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲା । ଏହାକୁ ନେଇ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ୪।୫।୨୦୧୬ରେ ବିଧାନସଭାରେ ବ୍ରାହ୍ମଣୀ ନଦୀରେ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ଏହାର ଉତ୍ତରରେ ଆବଶ୍ୟକ ଭିତ୍ତଭୂମିକୁ ଦୃଷ୍ଟିରେ ରଖି ବ୍ରାହ୍ମଣୀ ନଦୀର ଜଳ ପ୍ରଦୂଷଣକୁ ରୋକିବା ନିମନ୍ତେ ୪ଟି ଶିଳ୍ପସଂସ୍ଥାକୁ ନଦୀର ଅନଲାଇନ ମନିଟରିଂ ଉପକରଣ ସ୍ଥାପନ କରିବାକୁ ଅନୁରୋଧ କରାଯାଇଥିଲା । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ରାଉରକେଲାର ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ, ମହାନଦୀ କୋଲଫିଲ୍ଡସ ଲିମିଟେଡ ତାଳଚେର, ଭୂଷଣ ଷ୍ଟିଲ ଲିମିଟେଡ ଢେଙ୍କାନାଳ ଓ ଟାଟା ଷ୍ଟିଲ କଳିଙ୍ଗନଗର ଖରସ୍ରୋତା ନଦୀ କୂଳରେ ଏହି ଯନ୍ତ୍ର ବସାଇବେ ବୋଲି ନିଷ୍ପତ୍ତି ହୋଇଥିଲା । କିନ୍ତୁ ବନ୍ୟା ପ୍ଲାବିତ ତଥା ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ଏହା ଏଯାଏ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ତେଣୁ ଏସ୍‌ପିସିବି ଖରସ୍ରୋତାରେ ମିଶୁଥିବା ଗଣ୍ଡନାଳାକୁ ସୁରକ୍ଷା ଦେବାକୁ ଯାଇ ଏକ ସ୍ୱତନ୍ତ୍ର ଡ୍ରେନେଜର ପରିକଳ୍ପନା ହୋଇଥିଲା। ହେଲେ ତାହ ମଧ୍ୟ ପ୍ରସ୍ତୁତ ହୋଇ ନ ଥିବା ସୂଚନା ମିଳିଛି ।

### ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯୋଜନା



ଖରସ୍ରୋତା ନଦୀର ଜୋକଡ଼ିଆ ଆନିକଟ।

## ସଂକ୍ଷେପରେ

### ମାନସିକ ବିକୃତ ଯୁବକ ଚେନ୍ନାଇରୁ ଉଦ୍ଧାର



**ଯାଜପୁର ଅଫିସ,୩।୫:** ଯାଜପୁର ଜିଲା ଦାନଗଦି ବ୍ଲକ ଗୌଡବାହାଲି ଗ୍ରାମର ମାନସିକ ବିକୃତ ବିନୋଦ ବିହାରୀ ସାହୁ(୩୫)ଙ୍କୁ ଚେନ୍ନାଇସ୍ଥିତ ମରେଇମଲେଇ ନଗର ବାଇପାସରୁ ଉଦ୍ଧାର କରାଯାଇଛି। ହେଲପିଂ ହ୍ୟାଣ୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୋସିଆଲ ୱାର୍କର ଉଦଭୁମ କରଙ୍ଗଲ, ଏସ.ବିଦ୍ୟାକର, ଶ୍ରୀନିବାସ ରାଓ ଓ ଜ୍ୟାକବ ବିନୋଦଙ୍କୁ ଉଦ୍ଧାର କରି ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରାୟ ୬ ମାସ ତଳେ ବିନୋଦ ଚେନ୍ନାଇ ଚାଲି ଯାଇଥିଲେ। ସେଠାରେ ଅସହାୟ ଅବସ୍ଥାରେ ବୁଲୁଥିବା ଦେଖି ହେଲପିଂ ହ୍ୟାଣ୍ଡର କର୍ମକର୍ତ୍ତା ଗତ ୨୧ ତାରିଖରେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଅନୁଷ୍ଠାନର କର୍ମକର୍ତ୍ତା ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରାଙ୍କ ସହ ଯୋଗାଯୋଗ କରି ବିନୋଦ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଧରିତ୍ରୀର କଳିଙ୍ଗନଗର ପ୍ରତିନିଧି ଶୁଭାଶିଷ ରାଉତ ବିନୋଦଙ୍କ ପରିବାରବର୍ଗଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପରେ ଚେନ୍ନାଇର ହେଲପିଂ ହ୍ୟାଣ୍ଡ କର୍ମକର୍ତ୍ତାଙ୍କ ସହ କଥା ହୋଇ ଆବଶ୍ୟକ ସହଯୋଗ କରିଥିଲେ। ବିନୋଦଙ୍କ ବାପା ଗଙ୍ଗାଧର ସାହୁ ଜଣେ ପରିବା ବ୍ୟବସାୟୀ। ମା'ଙ୍କ ୨ ବର୍ଷ ତଳେ ପରଲୋକ ଘଟିଛି। ଗତ ୨୬ରେ ବିନୋଦଙ୍କ ଭାଇ କୈଳାସ ଚନ୍ଦ୍ର ସାହୁ ଚେନ୍ନାଇ ଯାଇଥିଲେ। ସେଠାରୁ ବିନୋଦଙ୍କୁ ଘରକୁ ଆଣିଛନ୍ତି।

### ଲୁହାପଥର ଚୋରା କାରବାରରେ ସମ୍ପୃକ୍ତ ଟ୍ରକ୍ ମାଲିକ ଗିରଫ

**ଚଣ୍ଡିଖୋଲ,୩।୫(ଡି.ଏନ.ଏ.):** ବଡ଼ଚଣା ଥାନା ବନ୍ଦାଳୋ ପଞ୍ଚାୟତ ୧୬ନଂ. ଜାତୀୟ ରାଜପଥର ଡିହକରନ୍ଦାଠାରେ ଏପ୍ରିଲ ୧୩ରେ ବେଆଇନ ଭାବେ ଲୁହାପଥର ଓ ପେଲେଟ୍ ଚୋରାଚାଲାଣ ହେଉଥିବାବେଳେ ପୋଲିସ ପହଞ୍ଚି ଏକ ଟ୍ରକ ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରିଥିଲା। ସେଠାରେ ଗଚ୍ଛିତ ଥିବା ୫ଟନ୍‌ରୁ ଉର୍ଦ୍ଧ୍ୱ ଲୁହାପଥର ଓ ପେଲେଟ୍‌କୁ ଜବତ କରାଯାଇଥିଲା। ତେବେ ଘଟଣାରେ ସମ୍ପୃକ୍ତ ଥିବା ଟ୍ରକ ମାଲିକ ଚୌଦ୍ୱାର ଅଞ୍ଚଳର ସୋନୁ ପ୍ରସାଦଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଚୋରା କାରବାରରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପାଣିକୋଇଲି,୩।୫(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟୋଲ ପ୍ଲାଜା ନିକଟସ୍ଥ ସିଙ୍ଗଡ଼ା ଗଳିପୋଲ ଉପରେ ମଙ୍ଗଳବାର ମଧ୍ୟାହ୍ନରେ ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୌଭାଗ୍ୟ ନାୟକ। ଗୁରୁତର ଅଟୋ ଚାଳକ ହେଲେ ବାଲିପାଟଣା ଗ୍ରାମର ଶ୍ରୀକାନ୍ତ ପରିଡ଼ା। ଘଟଣାସ୍ଥଳରେ ପାଣିକୋଇଲି ପୋଲିସ ପହଞ୍ଚି ବାଇକ୍ ଓ ଅଟୋକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ଜାତୀୟ ରାଜପଥ କାମ ଚାଲୁଥିବାରୁ ଏହି ଗଳିପୋଲର ଗୋଟିଏ ରାସ୍ତାରେ ଉଭୟ ପଟର ଗାଡ଼ି ଯାତାୟାତ କରୁଛି। ପାଣିକୋଇଲି ପଟୁ ବାଇକ୍ ଆରୋହୀ ଯାଉଥିବା ବେଳେ ଅଟୋଟି ପାଣିକୋଇଲି ଅଭିମୁଖେ ଆସୁଥିଲା। ଅଟୋକୁ ଏକ ଟ୍ରଲର ସାଇଡ ମାରିବା ଯୋଗୁ ଅଟୋଟି ଓଲଟି ପଡ଼ିବା ସହ ସିଧା ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ବାଇକ ସହ ଅଟୋ ମଧ୍ୟରେ ପଶି ଯାଇଥିଲେ। ସେମାନଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

# ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ



ଅକ୍ଷି ତୃତୀୟା ପାଳନ ମଞ୍ଚରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ପାଣିକୋଇଲି,୩।୫(ଡି.ଏନ.ଏ.)**

ଜିଲା କୃଷି ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟ ଦିବସ ମଙ୍ଗଳବାର କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ମସୁଦପୁରଠାରେ ପାଳିତ ହୋଇଯାଇଛି। ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ପୂଜା ପାଠ ସରିବା ପରେ ଅଖି ମୁଠି ଅନୁକୂଳ ହୋଇଥିଲା। କର୍ତ୍ତାଭାବେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ଯୋଗ ଦେଇଥିଲେ। କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ା ଅଖି ମୁଠି ଅନୁକୂଳ କରିଥିବା ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ହଳ ବୁଲାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅକ୍ଷୟ ତୃତୀୟା ପାଳନର ତାତ୍ପର୍ଯ୍ୟ ଓ କୃଷି ସମ୍ପର୍କିତ ପରାମର୍ଶ ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଜିଲା ପରିଷଦ ସଭାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, ଉମାକାନ୍ତ ମାଝି, ଯାଜପୁର ଏଡିଓ ବୈରାଗୀ ଚରଣ ସେଠୀ, ଯାଜପୁର ସିଡିଏଓ ଉଦୀପ୍ତ କୁମାର ତ୍ରିପାଠୀ, କୋରେଇ ବିଏଓ ଶରତ ନାୟକ, ଡିପିଏମ ଆତ୍ମା ଯାଜପୁର ହେମନ୍ତ କୁମାର ସାମଲ ଓ ସଞ୍ଜୟ କୁମାର ବାରିକଙ୍କ ସମେତ ଅନେକ କୃଷି କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସରପଞ୍ଚ ଗୌରୀ ଶଙ୍କର ମହାପାତ୍ର, ସତ୍ୟାନନ୍ଦ ମହାପାତ୍ର, ଶ୍ୟାମ ସୁନ୍ଦର ମାଝି ଓ ବିଷ୍ଣୁ ରଥଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଶେଷରେ ଇଫ୍‌କୋ ଓ ଅନ୍ୟ କମ୍ପାନୀ ପକ୍ଷରୁ ସେମାନଙ୍କ ସମାଗ୍ରୀ ପ୍ରଦର୍ଶିତ କରାଯାଇଥିଲା।

## ଚାଷୀଙ୍କୁ ଠକିବାକୁ ମସୁଧା

**ପାଣିକୋଇଲି,୩।୫(ଡି.ଏନ.ଏ.)**

୨୦୨୧-୨୦୨୨ ଆର୍ଥିକ ବର୍ଷର ଖରିଫ ଋତୁରେ କୋରେଇ ବ୍ଲକର ୧୮ଟି ସମବାୟ ସମିତି ଅନ୍ତର୍ଗତ କୃଷକମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। କିନ୍ତୁ ବିଗତ ବର୍ଷ ଅନାବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାଷୀ ଫସଲ ହରାଇଥିଲେ। ତେଣୁ ନିୟମ ଅନୁଯାୟୀ ଚାଷୀଙ୍କୁ ୧୦୦% କ୍ଷୟକ୍ଷତି ବୀମା କମ୍ପାନୀ ଦେବାକଥା। କିନ୍ତୁ କମ୍ପାନୀ ଚଞ୍ଚକତା ପୂର୍ବକ ୫ ମାସ ତଳେ ୨୫% ଛାଡ଼ ଦେବାକୁ ଘୋଷଣା କରିଥିଲା। ଏବେ ଜଣାପଡୁଛି ବ୍ଲକର ୧୦ହଜାର ବୀମା ଭୁକ୍ତ କୃଷକ ଥିବା ବେଳେ ମାତ୍ର ୧ ହଜାର ଚାଷୀଙ୍କ ବୀମା ଅର୍ଥ ବ୍ୟାଙ୍କକୁ ଆସିଛି। ଅନ୍ୟମାନଙ୍କ ଆସିନାହିଁ। ତେଣୁ କୋରେଇ କୃଷକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର କୋରେଇ ବିଧାୟକ, ଯାଜପୁର ଜିଲାପାଳ ଓ ଯାଜପୁର କୃଷିଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶୀଘ୍ର ଚାଷୀଙ୍କୁ ବୀମା ରାଶି ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କୃଷକ ନେତା ବଳରାମ ସାହୁ ପ୍ରକାଶ କରିଛନ୍ତି।

## ବୁଣାକାରଙ୍କ ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଅତିଥି ଓ ବୁଣାକାର ସଂଘ କର୍ମକର୍ତ୍ତା।

**ରସୁଲପୁର,୩।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ପ୍ରଥମଖଣ୍ଡ ପଞ୍ଚାୟତର ବୁଣାକାରଙ୍କୁ ନେଇ ଗୋପାଳପୁରଠାରେ ଏକ ସାଙ୍ଗଠନିକ ବୈଠକ ଗୋପାଳପୁର ଶାଖା ସଭାପତି ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୁଣାକାର ସମ୍ପ୍ରଦାୟ ସମସ୍ୟା ଜର୍ଜରିତ ହୋଇପଡୁଛି। ସମସ୍ୟା ସମାଧାନ ଦିଗରେ ସରକାରୀସ୍ତରରେ ଟାଳଟୁଳନୀତି ଅବଲମ୍ବନ କରାଯାଉଛି। ତେଣୁ ବୁଣାକାର ଏକଜୁଟ ହେବାର ବେଳ ଆସିଛି। ସମସ୍ୟା ଦୂର ଓ କୌଳିକ ବୃତ୍ତିକୁ ସଙ୍କଟରୁ ବଞ୍ଚାଇବା ସହ ସଂଗଠନକୁ ସୁଦୃଢ କରିବା ନିମନ୍ତେ ସଭ୍ୟ ସଂଗ୍ରହ ଅଭିଯାନ ଅତ୍ୟନ୍ତ ଜରୁରୀ। ଶ୍ରମିକ ଦିବସଠାରୁ ସଭ୍ୟ ସଂଗ୍ରହ ଆରମ୍ଭ ହୋଇଛି। ଅଞ୍ଚଳରେ ସଭ୍ୟ ସଂଗ୍ରହ ସଂଖ୍ୟାକୁ ୧୦୦୦ରେ ପହଞ୍ଚାଇବାକୁ ସଂଗଠନ ଲକ୍ଷ୍ୟ ରଖିଛି ବୋଲି ବୈଠକରେ ଉପସ୍ଥିତ ଅତିଥି ସୂଚନା ଦେଇଥିଲେ। ବ୍ଲକ ଅଞ୍ଚଳର ଗୋପାଳପୁର, କୁଲୁଗାଁ, ମିର୍ଜାପୁର, ଭୋଟକା, ଖୋସାଲପୁର ଆଦି ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଏକଜୁଟ ହୋଇ ସଙ୍ଗଠନକୁ ମଜଭୁତ କରିବା ସହ ସଭ୍ୟ ସଂଗ୍ରହ ଅଭିଯାନକୁ ଅଧିକ ଗତିଶୀଳ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବୁଣାକାର ମହାସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ଉପସଭାପତି ଶ୍ରୀକାନ୍ତ ନାୟକ, ଖୋର୍ଦ୍ଧା ଜିଲା ସଂଯୋଜକ ପ୍ରତାପ ଦାସ, ସୋନପୁର ଜିଲା ସଂଯୋଜକ ମୁକୁନ୍ଦ ମେହେର, ଅମୂଲ୍ୟ ସୁର, ଅଶୋକ ଗୁଇଁ, ସ୍ଥାନୀୟ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ବୁଣାକାର ନେତା ରମେଶ ଦାସ, ଅଶୋକ କୁମାର ଗୁଇଁ, ମକରଧ୍ୱଜ ଗୁଇଁ, ବିଶ୍ୱନାଥ ଦାସ ଓ ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ୧୦୦୦ ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ

# ସମୂହ ନମାଜ ପଢ଼ିଲେ, ଶୁଭେଚ୍ଛା ଜଣାଇଲେ



ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଇଦ୍‌ଗା ପଡ଼ିଆଠାରେ ସମୂହ ନମାଜ ପାଠ କରାଯାଉଛି।



ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତରେ ଇଦ୍ ପର୍ବ ପାଳନ କରାଯାଉଛି।

**ଚଣ୍ଡିଖୋଲ,୩।୫(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ଚାରିନଙ୍ଗଳଠାରେ ମୁସଲମାନଙ୍କ ପର୍ବ ଇଦ୍-ଉଲ-ଫିତର ମଙ୍ଗଳବାର ପାଳିତ ହୋଇଯାଇଛି। ୩ହଜାରରୁ ଉର୍ଦ୍ଧ୍ୱ ମୁସଲିମ୍ ଭାଇ ଯୋଗଦେଇ ଏକ ସଙ୍ଗେ ନମାଜ ପାଠ କରିଥିଲେ। ଚାରିନଙ୍ଗଳ ଇଦ୍‌ଗାହ ପଡ଼ିଆଠାରେ ମୌଲାନା ଫକିରୁଦ୍ଦିନ୍ ହାସିମ କାସିମ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସେକ୍‌ମୋଇନ୍ ଅହମଦ୍, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଓ ବିଶ୍ୱ ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇ ମୁସ୍‌ଲିମ୍ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ଇଦ୍‌ଗା କମିଟି ସମ୍ପାଦକ ସେକ୍ ଅବଦୁଲ ହାଇ, ବଦରୁଦ ଦୋଜା, ସେକ. ଆବୁ ତାଲିବ୍, ହାସିମ ଖାଁ, କୁତୁଦ୍ଦିନ୍ ଖାଁ, ସେକ ଇକବାଲ ହୁସେନ୍, ମୌଲାନା ଅବଦୁଲ ଅଜିଜ୍, ସୁଲାତାନ ସଇଫୁଲ୍ଲା ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା, ଦର୍ପଣ ଓ କଟିକଟା ଠାରେ ମୁସ୍‌ଲିମ ଭାଇମାନେ ଇଦ୍ ପାଳନ କରିବା ସହ ସମୂହ ନମାଜ ପାଠ କରିଛନ୍ତି।

**ବିଞ୍ଝାରପୁର,(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକର ବିଭିନ୍ନ ସଂଖ୍ୟାଲଘୁ ବହୁଳ ଗ୍ରାମରେ ଇଦ୍-ଉଲ ଫିତର ବା ଇଦ ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ୨ ବର୍ଷ ଇଦ ପାଳନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗିଥିବା ବେଳେ ଚଳିତ ବର୍ଷ ଧୁମ୍‌ଧାମରେ ଇଦ-ଉଲ ଫିତର ପାଠ କରାଯାଇଛି। ବ୍ଲକର ବିଞ୍ଝାରପୁର, ସୟଦପୁର, ଅଳକୁଣ୍ଡ, ଶାସନ୍ଦା, କଏଣା, ନୂଆଗାଁ, ନଥିପୁର ଆଦି ଗ୍ରାମରେ ଥିବା ସଂଖ୍ୟାଲଘୁ ଭାଇ ଭଉଣୀ ଇଦ-ଉଲ ଫିତର ପାଳନ କରିଛନ୍ତି। ବିଞ୍ଝାରପୁର ଓ ସୟଦପୁର ପଞ୍ଚାୟତର ସଂଖ୍ୟାଲଘୁ ଏକତ୍ରିତ ଭାବେ ସୟଦପୁରସ୍ଥିତ ପୁରୁଣା ଇଦଗା ପଡିଆ ଓ ଜାମା ମସଜିଦ ପଡିଆରେ ନମାଜ ପାଠ କରିଥିଲେ। ସେହିପରି ଅଳକୁଣ୍ଡ ଗ୍ରାମବାସୀ ଇଦ୍‌ଗା ପଡିଆରେ ନମାଜ ପାଠ କରିଥିବା ବେଳେ ଶାସନ୍ଦା ଗ୍ରାମବାସୀ ମସଜିଦରେ ନମାଜ ପାଠ କରିଥିଲେ। କଏଣା ଓ ନୂଆଗାଁ ଗ୍ରାମ ପକ୍ଷରୁ ଗ୍ରାମରେ ନମାଜ ପାଠ କରାଯାଇଥିଲା। ନମାଜ ପାଠ ପରେ ସଭିଏ ପରସ୍ପରକୁ ସ୍ନେହଭରା ଆଲିଙ୍ଗନ କରିଥିଲେ। ବିଧାୟିକା ତଥା ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଇର୍ସାଦ, ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୁନୀତା ନାୟକ, ଅହଲ୍ୟା ସ୍ୱାଇଁ, ଅଳକୁଣ୍ଡ ସରପଞ୍ଚ ସୁଶାନ୍ତ ଦାସ, ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ସୟଦପୁର ସରପଞ୍ଚ ସେଖ ମହମ୍ମଦ ସବିର, ଶାସନ୍ଦା ସରପଞ୍ଚ କାମଦେବ ଧଳ, ପ୍ରୀତିପୁର ସରପଞ୍ଚ ଭାଗୀରଥି ଦାଶ ନିଜନିଜ ପଞ୍ଚାୟତର ମୁସଲମାନ ଭାଇମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ବଡ଼ ପର୍ବ ଇଦ୍-ଉଲ-ଫିତର ପାଳିତ ହୋଇଯାଇଛି। ସକାଳୁ ମୁସଲମାନ ଭାଇମାନେ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରି ଇଦ୍‌ଗା ଓ ମସ୍‌ଜିଦରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଇଦ ମୁବାରକ ଜଣାଇଥିଲେ। ବ୍ଲକର ଚୋରମୁହାଁ ଇଦଗା, ଧର୍ମଶାଳା ମସଜିଦ, ଚହଟା ମସଜିଦ, ବଡ଼ମଙ୍ଗଳପୁର ଇଦ୍‌ଗା, ନେଉଳପୁର ଇଦଗା, ମସଜିଦ, କାଏମାସ୍ଥିତ ମସଜିଦରେ ସମୂହ ନମାଜପାଠ କରାଯାଇଥିଲା। କରୋନା ମଟକଣା ଯୋଗୁ ଦୁଇ ବର୍ଷ ହେଲା ଇଦ-ପର୍ବରେ ସମୂହ ନମାଜ ପାଠ ବନ୍ଦ ରହିଥିଲାବେଳେ ଚଳିତ ବର୍ଷ କରୋନା କଟକଣା ହଟିଥିବାରୁ ସମୂହ ନମାଜ ପାଠ ହୋଇଥିଲା। ଯାହାକୁ ନେଇ ମୁସମାଲମାନ ଭାଇମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଭିନ୍ନ ଇଦଗା ଓ ମସଜିଦରେ ପୋଲିସ ମୁତୟନ କରାଯାଇଥିଲା।

**ବରୀ,(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତରେ ସର୍ବାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକେ ବସବାସ କରନ୍ତି। ତେବେ ଗତ ବର୍ଷ କରୋନା ଯୋଗୁ ଏଠାରେ ଇଦ୍ ପର୍ବ ନିରାଡ଼ମ୍ବର ଭାବେ ପାଳିତ ହୋଇଥିଲା। ମାତ୍ର ଚଳିତ ବର୍ଷ ଏହି ପର୍ବ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଜାତି, ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ଭାଇଚାରା ବାଣ୍ଟିଛନ୍ତି। ବରୀ ପଞ୍ଚାୟତ ସରପଞ୍ଚ ସୋନାଲି ସିଂଙ୍କ ସମେତ ସଂଗ୍ରାମ ସାହୁ, ଫକିର ସିଂ, ପ୍ରକାଶ ମଲିକ, ଧନେଶ୍ୱର ସାହୁ, ସାମାଜିକ କର୍ମୀ ମନୋଜ ସିଂ, ଇମ୍ରାନ ଅଲ୍ଲୀ, ସୟେଦ ପରବେଜ ଅଲ୍ଲୀ ଓ ମୋହିବୁଲ ହକ୍ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ବ୍ରହ୍ମବରଦା,(ଡି.ଏନ.ଏ.):** ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦାଠାରେ ଇଦ-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ବ୍ରହ୍ମବରଦା ଏବଂ ଚାନ୍ଦପୁର-ମହେଶ୍ୱରପୁର ୨ଟି ପଞ୍ଚାୟତରେ ଏହି ପର୍ବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ ଏବଂ ୩୬ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ ଓ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ମୁସଲମାନ ଭାଇମାନଙ୍କୁଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

### ଇଦ୍-ଉଲ୍-ଫିତର



ରସୁଲପୁର ବ୍ଲକ ବ୍ରହ୍ମବରଦାରେ ୨ ପିଲା ଉଭୟଙ୍କୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

## କଂଗ୍ରେସ କିଷାନ ସେଲ୍ ପକ୍ଷରୁ ଅଖିମୁଠି ଅନୁକୂଳ

**ଧର୍ମଶାଳା,୩।୫(ଡି.ଏନ.ଏ.)**

ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ ସେଲ ପକ୍ଷରୁ ରାଜ୍ୟସ୍ତରୀୟ ଅଖିମୁଠି ଅନୁକୂଳ ଓ କୃଷକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ନରସିଂହପୁରଠାରେ ଅନୁଷ୍ଠିତ ଉତ୍ସବରେ ପ୍ରଦେଶ କିଷାନ କଂଗ୍ରେସ ସେଲ୍ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ବ୍ଲକ କଂଗ୍ରେସ କମିଟି ସଭାପତି କିଷାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ଶତାଧିକ ଚାଷୀ ଓ କଂଗ୍ରେସ କର୍ମୀ କ୍ଷେତରେ ପହଞ୍ଚିଥିଲେ। ସେଠାରେ ଅଖିମୁଠି ଅନୁକୂଳ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଚାଷୀ ନିତ୍ୟାନନ୍ଦ ଦାସ, ପର୍ଶୁରାମ ବିଶ୍ୱାଳ, ମୋହନ ବିଶ୍ୱାଳ, ବିକଳ ମଲିକ, ମୁକୁନ୍ଦ ମଲିକ, ଅନନ୍ତ ରାଉତ, ରମେଶ ରାଉତ, ନୀଳମଣି ସ୍ୱାଇଁ, ବାବାଜୀ ରାଉତ, କାଶୀନାଥ ରାଉତ,ଗୋକୁଳି ରାଉତ, ଅଚ୍ୟୁତାନନ୍ଦ ପରିଡ଼ା ଓ ନାରାୟଣ ବରାଳ ପ୍ରମୁଖଙ୍କୁ କିଷାନ କଂଗ୍ରେସ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅଖିମୁଠି ଅନୁକୂଳ ପରେ ଅଧ୍ୟକ୍ଷ ପଟ୍ଟନାୟକ ଚାଷୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ପ୍ରତ୍ୟେକ ଚାଷୀଙ୍କୁ ୩ହଜାର ଟଙ୍କା ପେନ୍‌ସନ, ଜଳସେଚନର ସୁବିଧା ସହ କୃଷି ଇନପୁଟ ସହାୟତା ଯୋଗାଇଦେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମକୁ କୃଷକ ନେତା ବସନ୍ତ ପରିଡ଼ା, ଲୋକନାଥ ପଲେଇ, ଜିଲା କୃଷକ ସେଲ ସଭପତି ଅକ୍ଷୟ ସ୍ୱାଇଁ, ପ୍ରଫୁଲ୍ଲ କୁମାର ରାୟ, ଦୀପକ କୁମାର ବଳ, କାର୍ତ୍ତିକ ସାହୁ, ଦେବାଶିଷ ପରିଡା, ନରୋତ୍ତମ ନାୟକ, ନକୁଳ ଜେନା, ସମରେନ୍ଦ୍ର ସାମଲ, ସୁଦାମ ରାଉତ, ନାରାୟଣ ରାଉତ, ନୀଳମଣି ମହାନ୍ତି, ବିପ୍ର ତ୍ରିପାଠୀ, ପ୍ରମୋଦ ମହାନ୍ତି ଓ ଅର୍ଜ୍ଜୁନ ସେଠୀ ପ୍ରମୁଖ ଚାଷୀ ପରିଚାଳନା କରିଥିଲେ।



ରାଜ୍ୟ କଂଗ୍ରେସ କୃଷକ ସେଲ ସଭାପତିଙ୍କ ଦ୍ୱାରା ଅଖିମୁଠି ଅନୁକୂଳ କରାଯାଉଛି।

**ବନ୍ୟଜନ୍ତୁ ଶିକାର, ୬ ଗିରଫ**

**ନୟାଗଡ଼ ଅଫିସ/ଭାପୁର (ଡି.ଏନ.ଏ.):** ନୟାଗଡ଼ ବନଖଣ୍ଡ ଖଣ୍ଡପଡ଼ା ରେଞ୍ଜ ଭାପୁର ସେକ୍ସନର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ଡେଙ୍ଗାବାହାଡା ପାହାଡରେ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୬ଜଣଙ୍କୁ ଗିରଫ କରିଛି ଖଣ୍ଡପଡ଼ା ବନବିଭାଗ । ସେମାନେ ହେଲେ ଧାନଚାଙ୍ଗଡା ଗ୍ରାମର ହରିହର ବେହେରା, କାଳିଆପଲ୍ଲୀ ଗ୍ରାମର ମାନସ କୁମାର ବେହେରା, କବି ନାୟକ, ନରେଶ କୁମାର ବେହେରା, ମକରା ନାୟକ ଏବଂ ଦାମ ବେହେରା। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ୬ ଶିକାରୀଙ୍କୁ ଜେଲ ଯିବାକୁ ପଡିଛି । ବନ କର୍ମଚାରୀମାନେ ଶିକାର ପାଇଁ ବିଛାଯାଇଥିବା ୨ ଜାଲ ସହିତ ୨ ଟି କୁରାଢି ଓ ୨ ବାଇକ୍ ଜବତ କରିଛି ।

## ସଂକ୍ଷେପରେ

### ଗୋକୁଳାନନ୍ଦ ଜୀଉଙ୍କ ଦହି ପଖାଳ ନୀତି ଆରମ୍ଭ



**ଖଣ୍ଡପଡା,୩।୫(ସ୍ୱ.ପ୍ର):** ମଙ୍ଗଳବାର ଅକ୍ଷୟ ତୃତୀୟା ଅବସରରେ ସିଧାମୂଳା ପଞ୍ଚାୟତ ଅଧୀନ ଗୋକୁଳାନନ୍ଦ ଜୀଉଙ୍କ ଦହି ପଖାଳ ନୀତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଗୋକୁଳାନନ୍ଦ ଜୀଉ, ମହାବୀର ଓ ଆଖଣ୍ଡଳମଣୀଙ୍କୁ ଭୋରୁ ପାରମ୍ପରିକ ରୀତିରେ କ୍ଷୀର, ମହୁ ଓ ଦହିରେ ସ୍ନାନ କରାଯାଇଥିଲା । ଏହାପରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏହି ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିରହିଥିବା ମନ୍ଦିର ପରିଚାଳକ ଗଙ୍ଗାଧର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

### ମର୍ଦ୍ଦରାଜପୁରରେ ରଥ ନିର୍ମାଣ ଆରମ୍ଭ

**ଖଣ୍ଡପଡା,୩।୫(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥିତ ମୁଣ୍ଡିଆ ହନୁମାନ ପୀଠରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ମଙ୍ଗଳବାର ଅକ୍ଷୟ ତୃତୀୟା ତିଥିରେ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ନିକଟସ୍ଥ ଚାଉପଲ୍ଲୀ ମଦନମୋହନ ଜୀଉ, ହରିଚନ୍ଦନପୁର ବୁଢୀଦେଇ ଠାକୁରାଣୀ, ଗିରିଡିପାଟଣା ରାଧାକୃଷ୍ଣ ଜୀଉ, ବାଟମଙ୍ଗଳା ଓ ମୁଣ୍ଡିଆ ହନୁମାନସ୍ଥିତ କନକ ଦୁର୍ଗା ଓ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆସି ରଥଖଳାରେ ପହଞ୍ଚିବା ପରେ ରଥ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ଚାଉପଲ୍ଲୀ, ଗିରିଡିପାଟଣା, ମର୍ଦ୍ଦରାଜପୁର ଓ ହରିଚନ୍ଦନପୁର ଆଦି ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିରରୁ ଆଜ୍ଞାମାଳ ଆସିଥିଲା । ହରିବୋଲ ହୁଳହୁଳିରେ ଗ୍ରାମଦାଣ୍ଡ କମ୍ପି ଉଠିଥିଲା ।

### ଲଡୁବାବାଙ୍କ ଚନ୍ଦନ ଯାତ୍ରା



**ନୟାଗଡ଼ ଅଫିସ,୩।୫:** ଓଡିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପୀଠରେ ଅକ୍ଷୟ ତୃତୀୟାରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ପୁଷ୍କରଣୀରେ ଦିନବେଳା ଥରେ ଚାପ ଖେଳି ଥିଲେ। ରାତିରେ ୩ ଥର ଚାପ ଖେଳିଥିଲେ । ଲଡୁବାବାଙ୍କ ଚାପ ଦେଖିବାକୁ ଭକ୍ତମାନେ ଅପେକ୍ଷା କରିଥିଲେ। ଏହାକୁ ମନ୍ଦିର ପରିଛା ଉଲ୍ଲାସ ତ୍ରିପାଠୀ, ବଡ଼ପଣ୍ଡା ଗୋଲଖ ବିହାରୀ ବଡ଼ପଣ୍ଡା, ସାଥି ପାଳିଆ ବଡ଼ପଣ୍ଡା ଶିବ ପୁଷ୍ପପାଳକ, ମନ୍ଦିର ସୁପର ଭାଇଜର ସୁବାସ ବରାଡ ପରିଚାଳନା କରିଥିଲେ ।

# ୧୪୧ ଡାକ୍ତର ପଦବୀ ଖାଲି

**ନୟାଗଡ଼ ଜିଲା**
- ନାହାନ୍ତି ସୁପର ସ୍ପେଶିଆଲିଟି ଡାକ୍ତର
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ସେବା

**ନୟାଗଡ଼ ଅଫିସ,୩।୫**

ନୟାଗଡ଼ ଜିଲାରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ସବୁଠି ଗୋଟିଏ ଅଭିଯୋଗ ଡାକ୍ତର କି ଆବଶ୍ୟକ କର୍ମଚାରୀ ନାହାନ୍ତି । ଯେଉଁଠି ଡାକ୍ତର ଅଛନ୍ତି ସେଠାରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁନାହିଁ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ପଦବୀ ରହିଥିଲେ ମଧ୍ୟ ସେବା ଯୋଗାଇବାକୁ କେହି ନାହାନ୍ତି । ଅନ୍ୟପକ୍ଷେ ସୁପର ସ୍ପେଶଆଲିଟି ଡାକ୍ତର ପଦବୀ ନ ଥିବାବେଳେ ୨୬୨ରୁ ୧୪୧ ଡାକ୍ତର ପଦବୀ ଖାଲି ପଡିଛି । ସେହିପରି ୭୧ ଫାର୍ମାସିଷ୍ଟ ପଦବୀରୁ ୧୯ ଖାଲି ପଡିଥିବାବେଳେ ୨୦ ଲାବୋରାଟୋରୀ ଟେକନସିଆନ ମଧ୍ୟରୁ ୧୦ ପଦବୀ ଖାଲି ପଡିଛି । ୩୨୩ ନର୍ସଂରୁ ୯୬ ପଦବୀରେ କେହି ନାହାନ୍ତି । ପୁଣି ୨୨୧ ଏଏନ୍ଏମ୍‌ରୁ ୩୯ ପଦବୀ ଖାଲି ରହିଛି। କେବଳ ଆୟୁଷ ଡାକ୍ତର ୪୦ରୁ ୪୦ ଅଛନ୍ତି । ଏଥିପାଇଁ ନୟାଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ ହୋଇଛି ।

ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ପଦବୀ ଅନ୍ୟ ଅଧିକାରୀଙ୍କ ଦାୟିତ୍ୱରେ ଚାଲିଛି । ସିଡିଏମ୍‌ଙ୍କ କାର୍ଯ୍ୟାଳୟରେ ଜିଲା ଚିକିତ୍ସାଧିକାରୀ(ସ୍ୱାସ୍ଥ୍ୟସେବା) ତଥା ସୁପରିଟେଣ୍ଡେଣ୍ଟ, ସହକାରୀ ଜିଲା ଚିକିତ୍ସାଧିକାରୀ(ଲେପର୍ସି), ସହକାରୀ ଜିଲା ଚିକିତ୍ସାଧିକାରୀ(ମ୍ୟାଲେରିଆ), ଚକ୍ଷୁ ରୋଗ ବିଶେଷଜ୍ଞ, ନିଦାନ ବିଭାଗ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ନାଶା, କର୍ଣ୍ଣ ଓ ଗଳା ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍ ବିଶେଷଜ୍ଞ, ରକ୍ତ ଭଣ୍ଡାର ଡାକ୍ତର, ୨ବରିଷ୍ଠ ମେଡିକାଲ ଅଫିସର, ଆଉଟ୍‌ଡୋରର ବରିଷ୍ଠ ମେଡିକାଲ ଅଫିସର,୧୦ କାମଚଳା ଡାକ୍ତର(ଏଲଟିଆରଏମ୍‌ଓ) ପଦବୀ ଖାଲି ଅଛି । ଚାନ୍ଦପୁର ହସ୍ପିଟାଲରେ ସ୍ତ୍ରୀ ରୋଗ ବିଶେଷଜ୍ଞ, ନିଦାନ ବିଭାଗ ବିଶେଷଜ୍ଞ, ରେଡିଓଲୋଜି ବିଶେଷଜ୍ଞ, ଛାତି ରୋଗ ବିଶେଷଜ୍ଞ, ନିଶ୍ଚେତକ, ଚକ୍ଷୁ ରୋଗ ବିଶେଷଜ୍ଞ, ଅସ୍ଥି ଶଲ୍ୟ ବିଶେଷଜ୍ଞ, ୪ ଜଣ କାମଚଳା ଡାକ୍ତର(ଏଲଟିଆରଏମଓ) ମଧ୍ୟ ଖାଲି ରହିଛି । ସିଏଚ୍‌ସି ବଡପଣ୍ଡୁସର ଅବସ୍ଥା ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ପରି ହୋଇଛି। ବଡପଣ୍ଡୁସରରେ ବ୍ଲକ ପବ୍ଲିକ ହେଲଥ ଅଫିସର, ସୁପରିଟେଣ୍ଡେଣ୍ଟ,ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ମେଡିସିନ ବିଶେଷଜ୍ଞ ପଦବୀ ଖାଲି ରହିଛି । ସେହିଭଳି ଗଣିଆ, ମଧଖଣ୍ଡ, ରାଜସୁନାଖଳା, ଶରଣକୁଳ ପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଏକା ପ୍ରକାର ରହିଛି। ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ସୁପରିଟେଣ୍ଡେଣ୍ଟ ଓ ଶିଶୁ ରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଛି ।

ଏନେଇ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ଜିଲା ପରିଷଦ ବୈଠକରେ କଥା ଉଠିଥିଲା । ତେବେ ସିଡିଏମ୍‌ଓ ଡାକ୍ତର ପଦବୀ ଖାଲି ଉପରେ କିଛି କହି ପାରିବେ ନାହିଁ କହିଥିଲେ । ସରକାର ଏନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି। ଦଶପଲ୍ଲାର ରାମଚନ୍ଦ୍ର ବେହେରା କୁହନ୍ତି, ଜିଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ରହିଛି । ଯେଉଁଠି ଡାକ୍ତର ଅଛନ୍ତି ସେଠାରେ ସେବା ମିଳୁନି। ସରକାରୀ ଡାକ୍ତର ବେସରକାରୀ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଆଗ୍ରହୀ । କିନ୍ତୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ପ୍ରତିବର୍ଷ ଡାକ୍ତରୀ ଛାତ୍ର ପାସ୍ କରୁଛନ୍ତି । ହେଲେ ଡାକ୍ତର ପଦବୀ ପୂରଣ ହେଉନି । ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ପଦବୀ ଖାଲି। ସାମାନ୍ୟ ରୋଗୀଙ୍କୁ ରେଫର କରି ଦିଆଯାଉଛି । ସରକାର ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଥିବା ଅନୁଦାନ ପାଣିରେ ପଡୁଛି ।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଡାକ୍ତର ପଦବୀ ଖାଲି ଉପରେ ସରକାର ପଦକ୍ଷେପ ନେବେ। ବର୍ତ୍ତମାନ ଯେତିକି ଡାକ୍ତର ଅଛନ୍ତି ସେମାନେ ରୋଗୀଙ୍କୁ କିପରି ଭଲ ସ୍ୱାସ୍ଥ୍ୟସେବା ଯୋଗାଇବେ ସେନେଇ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ।

## ଜିଲାସ୍ତରୀୟ ଅକ୍ଷୟତୃତୀୟା, କୃଷକ ଦିବସ



ଜିଲାପାଳ ପୋମା ଟୁଡୁ ଅଖିମୁଠି ଅନୁକୂଳ କରୁଛନ୍ତି ।

**ନୟାଗଡ ଅଫିସ,୩।୫**

ନୟାଗଡ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ନୟାଗଡ଼ କୃଷି ବିଭାଗର ଡାଲି ଗବେଷଣା କେନ୍ଦ୍ରଠାରେ ମଙ୍ଗଳବାର ପାଳନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟନାରାୟଣ ପ୍ରଧାନ ଯୋଗଦାନ କରି ମାଟି ମାଆକୁ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ ସହ ହଳ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପାଳ ପୋମା ଟୁଡୁ, ନୟାଗଡ଼ ପଞ୍ଚାୟତ ସମିତିର ଅଧକ୍ଷ କିଶୋର ସାହୁ ଓ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ଅନୁରୂପ ଭାବେ ମୁଠି ଅନୁକୂଳ କରି ହଳ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକକୁ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ କୁମାର ପ୍ରଧାନ ଓ ବ୍ଲକ କୃଷି ଅଧିକାରୀ ଲିଟି ପଟ୍ଟନାୟକ ପରିଚାଳନା କରିଥିଲେ । ଏଥିରେ ରଣପୁର ବିଧାୟକ ଯୋଗ ଦେଇ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ସରକାରଙ୍କ ବିଭିନ୍ନ ଚାଷୀ ମଙ୍ଗଳ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମଗୁଡ଼ିକ ଲୋକଭିମୁଖି କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ । ଜିଲାରେ ପ୍ରଥମ ଥର ପାଇଁ ମିଲେଟ୍ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହେବାର ସୂଚନା ଦେଇଥିଲେ । ଚାଷୀମାନେ ଏଥିରେ ଭାଗ ନେଇ ନିଜର ସ୍ଥିତି ଅଧିକ ଦୃଢ଼ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ । ତେବେ ଏହି କାର୍ଯ୍ୟକ୍ରମକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ଜିଲାସ୍ତରୀୟ ଜୟଦେବଙ୍କ ଜୟନ୍ତୀ ସମାରୋହ



ଶ୍ରୀ ଜୟଦେବଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

**ନୟାଗଡ ଅଫିସ,୩।୫**

ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଭକ୍ତକବି ଶ୍ରୀ ଜୟଦେବ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ଭକ୍ତକବି ଶ୍ରୀଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ପ୍ରଦୀପ୍ତ କୁମାର ପଟ୍ଟନାୟକ ଯୋଗଦେଇ ଜୟଦେବଙ୍କର ଇତିହାସ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର କୁମାର ସାହୁ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗଦେଇ ଜୟଦେବଙ୍କ ଦଶମ ସର୍ଗରେ ବର୍ଣ୍ଣିତ ଚତୁର ଚତୁର୍ଭୁଜରେ ଶ୍ରୀରାଧାଙ୍କର ମାନଭଞ୍ଜନ ପାଇଁ ଶ୍ରୀକୃଷ୍ଣଙ୍କର କାର୍ଯ୍ୟାବଳି ଉପରେ ବାଖ୍ୟା କରିଥିଲେ । ଶେଷରେ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।

ସେହିପରି ନୂଆଗାଁ ବ୍ଲକର ଦୁର୍ଦ୍ଦୁରା ଗ୍ରାମରେ ଭକ୍ତକବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଜୟନ୍ତୀ ସମାରୋହରେ ମୁଖ୍ୟଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଯୋଗ ଦେଇଥିଲେ । ସ୍ଥାନୀୟ ଜଗନ୍ନାଥ ମନ୍ଦିରର ମୁଖ୍ୟ ପରିଚାଳକ ବନମାଳି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ସଭା ପରିଚାଳନା କରିଥିଲେ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିପିନ ବିହାରୀ ସାହୁ । ଅନ୍ୟମାନଙ୍କ ମଧ୍ୟରେ ଭାଗିରଥି ବେହେରା, ସୁରେନ୍ଦ୍ର ସ୍ୱାଇଁ ,ଜୟଦେବ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଭ୍ୟ ଓ ଦୁର୍ଦ୍ଦୁରା ଗ୍ରାମବାସୀ ଉପସ୍ଥିତ ଥିଲେ ।

## ୨ ସଡ଼କ ଦୁର୍ଘଟଣା, ୬ ଗୁରୁତର

**ନୂଆଗାଁ,୩।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ମଙ୍ଗଳବାର ୨ଟି ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୬ଜଣ ଆହତ ହୋଇଛନ୍ତି । ସେମାନଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି । ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧୨ଟାରେ ନୂଆଗାଁ ପଟୁ ନୟାଗଡ଼ ଅଭିମୁଖେ ଯାଉଥିବା ଏକ ଗାଡ଼ି (ନଂ.ଓଡି୨୫ କେ ୦୫୯୫) ଭାରସାମ୍ୟ ହରାଇ କୃଷ୍ଣଚନ୍ଦ୍ରପୁର ନିକଟ ବ୍ୟାରିକେଟକୁ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା । ଏହି ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି । ନୂଆଗାଁ ଅଗ୍ନିଶମବାହିନୀ ଓ ନୂଆଗାଁ ଥାନା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ସେହିଭଳି ଅପରାହ୍ନ ୩ଟାରେ



ଦୁର୍ଘଟଣାଗ୍ରସ୍ତ ଗାଡ଼ି ।

ଏକ କାର(ନଂ.ଓଡି୦୨ ବି ଡବ୍ଲୁ ୯୨୪୬) ଦ୍ରୁତ ଗତିରେ ଆସି ସମ୍ପଡା ନୂଆସାହି ନିକଟ ରାସ୍ତା କଡରେ ଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା । ବାଇକ୍‌ଟି ଛିଟିକି ଯାଇ ଲୋକଙ୍କ ଉପରେ ପଡିବାରୁ ୪ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ନୂଆଗାଁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ମହିପୁର ଗୋଷ୍ଠୀକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଆହତମାନଙ୍କ ପରିଚୟ ମିଳିନାହିଁ ।

## ଖଣ୍ଡପଡ଼ାରେ ଅଖିମୁଠି ଅନୁକୂଳ

**ଖଣ୍ଡପଡ଼ା,୩।୫(ସ୍ୱ.ପ୍ର.)**

ମଙ୍ଗଳବାର ଅକ୍ଷୟ ତୃତୀୟା ଅବସରରେ ଖଣ୍ଡପଡ଼ା ଓ ତାର ଆଖପାଖ ଅଞ୍ଚଳର ଚାଷୀମାନେ ଅଖିମୁଠି ଅନୁକୂଳ କରିଛନ୍ତି। କୃଷକମାନେ ଭୋରରୁ ନୂତନ ବସ୍ତ୍ର ପରିଧାନ କରି ଓଳିଆରୁ ଶୁକ୍ଳବର୍ଣ୍ଣ ଧାନ ବାହାର କରି ବାଉଁଶିଆ ବା ଟୋକେଇରେ ଭର୍ତ୍ତି କରିଥିଲେ । ଧାନ ଉପରେ ନଡ଼ିଆ କିମ୍ବା ମାଣ ରଖି ତାହାକୁ ନୂତନ ବସ୍ତ୍ରରେ ଆଚ୍ଛାଦିତ କରି ଜମିକୁ ଆସିଥିଲେ । କଣ୍ଟିଲୋ ଅଞ୍ଚଳର ଚାଷୀ ଗୋକୁଳାନନ୍ଦ ସାହୁ କୁହନ୍ତି, ଆମେ ଧାନ ବିହନ ସହ ଅଷାଢୁଆ ଫଳ, ତାଳ, ଖଜୁରୀ, ଗଳିଗୁଆ, ଦୁବ, ବରକୋଳି ପତ୍ର, ନଡିଆ, କଦଳୀ ଆଦି ଭୋଗ ସାମଗ୍ରୀକୁ ଆଣି ଜମିରେ ମା' ଲକ୍ଷ୍ମୀଙ୍କୁ ପୂଜା କରିବା ପରେ ଜମିର ଇଶାଣ କୋଣରେ ଚାଷ ଅନୁକୂଳ କରିଛୁ। ସେହିପରି ବଳରାମ ପ୍ରସାଦ ଗ୍ରାମର ଚାଷୀ ସନାତନ ଲେଙ୍କା କୁହନ୍ତି, ବାପ ଅଜା ଅମଳରୁ ପରମ୍ପରା ଅନୁସାରେ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ କରୁଛୁ । ମାତ୍ର ଗାଁ ଗହଳିରେ ଆଉ ହଳ ବଳଦ ଶଗଡ଼ ଦେଖିବାକୁ ମିଳୁନି । ଚାଷ କାର୍ଯ୍ୟ ପାଇଁ ଆଗରୁ ଯେପରି ଉତ୍ସାହ ଥିଲା ଏବେ ତାହା ନାହିଁ । ଫଳରେ ଏବେ ଚାଷୀମାନେ ଆଉ ଚାଷକାମ କରିବାକୁ ମଙ୍ଗୁ ନାହାନ୍ତି ।

## ରଣପୁରରେ ଅକ୍ଷୟ ତୃତୀୟା

**ରଣପୁର,୩।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଏନ୍ଏସି ଓ ବ୍ଲକର ୩୭ ପଞ୍ଚାୟତରେ ମଙ୍ଗଳବାର ଚାଷୀମାନେ ଅକ୍ଷୟ ତୃତୀୟା ପାଳନ କରିଛନ୍ତି । ହେଲେ ପୂର୍ବର ଉତ୍ସାହ ଆଉ ଦେଖିବାକୁ ମିଳିନି । କୋଭିଡ୍ କଟକଣା ଯୋଗୁ ଏହି ପରମ୍ପରା ପାଳନ ଉପରେ କଟକଣା ଲାଗୁ କରାଯାଇଥିଲା । ହେଲେ ଚଳିତ ବର୍ଷ କଟକଣା ହଟିଥିଲେ ମଧ୍ୟ ମାତ୍ର ୬୦ ପ୍ରତିଶତ ଚାଷ ପରିବାର ଅକ୍ଷୟ ତୃତୀୟା ପାଳନ କରିଛନ୍ତି । ଅବଶିଷ୍ଟ ଚାଷୀ ପରିବାର ଏହି ପରମ୍ପରାଠାରୁ ଦୂରରେ ରହିଥିବା ସ୍ଥାନୀୟ ଚାଷୀମାନେ କହିଛନ୍ତି । ଚାଷୀମାନେ ଚାଷ ପ୍ରତି ଦିନକୁ ଦିନ ବିମୁଖ ହେଉଥିବା ଆଜିର ଅକ୍ଷୟ ତୃତୀୟ ପାଳନ ଉତ୍ସବରୁ ପ୍ରମାଣ ମିଳିଛି । ଚାଷୀମାନେ ସକାଳୁ ସ୍ନାନ ସାରି ଘରେ ଥିବା ଧାନ ବିହନ ସହିତ କୋଦାଳ, ଗୌଣି, କଉଡି, ପଇସା, ଗୋଟା ଗୁଆ, ଭୋଗ, ଧୂପ ଧରି



ଚାଷଜମିରେ ପହଞ୍ଚି ପ୍ରଥମେ ଗୋଟିଏ କୋଣରେ ମାଟି ଖୋଳି ଧାନ, ପଇସା ଓ କଉଡିକୁ ପୋତିଥିଲେ। ପରେ ସେହି ସ୍ଥାନରେ ଗୁଆ ବସାଇ ଧୂପ ଫୁଲ ଦେଇ ପୂଜା କରିଥିଲେ । ଅକ୍ଷୟ ତୃତୀୟାଠାରୁ ଚାଷକାର୍ଯ୍ୟ ଆରମ୍ଭ ହେବାର ବିଧି ରହିଛି। ଏନ୍ଏସି ଏବଂ ବ୍ଲକର ୩୭ ପଞ୍ଚାୟତରେ ୨୧,୯୨୫ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ଧାନ ଚାଷ ୧୭,୩୨୫ ହେକ୍ଟର ଚାଷଜମିରେ ଚାଷୀମାନେ କରିଥିଲା ବେଳେ ୨୬ ହଜାର ହେକ୍ଟର ଚାଷ ଜମିରେ ଅଣ ଧାନ ଚାଷ କରିଥାନ୍ତି ।

## ଜିଲା ପରିଷଦ ସଭ୍ୟାଙ୍କ ଦ୍ୱାରା ଅଖିମୁଠି ଅନୁକୂଳ

**ରଣପୁର,୩।୫(ସ୍ୱ.ପ୍ର.)**

ରଣପୁର ବ୍ଲକ ଅଞ୍ଚଳରେ ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ ଶେଷ ହୋଇଛି । ଗୋପାଳପୁର ଜୋନର ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀପ୍ରୀୟା ତରାଇ ମହତପଲା ପଞ୍ଚାୟତ ଡ଼ିମିରିଆ ଓ କାଣ୍ଡପଡା ପଞ୍ଚାୟତର କଳାମାଟିଆରେ ଅଖିମୁଠି ଅନୁକୂଳ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ଆଭେଟବର ବନ୍ଧର ପୁନରୁଦ୍ଧାର ହେଲେ ଏହା ସଂଲଗ୍ନ କେନାଲଗୁଡିକର ନବକଳେବର କରାଯିବ । ଏ ସଂକ୍ରାନ୍ତରେ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଯୁକ୍ତ ୩ ଦ୍ୱିତୀୟ, ୪ର୍ଥ ସେମିଷ୍ଟର କ୍ଲାସ ବାତିଲ

**ନୟାଗଡ଼ ଅଫିସ,୩।୫**

କୋର୍ସ ଶେଷ କରିବା ପାଇଁ ଖରାଛୁଟି ନ କରି କ୍ଲାସ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସରକାରୀ ନିର୍ଦ୍ଦେଶକୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି । ଦିନ ୧୨ଟା ପରେ ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟାର କ୍ଲାସ କରିବାକୁ ନିର୍ଦ୍ଦେଶ ଅଛି । ପୁଣି ମହାବିଦ୍ୟାଳୟର ଷ୍ଟାଫ ମିଟିଂରେ ମଧ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଥିଲା । ତେବେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷ ପରୀକ୍ଷାକୁ ନେଇ ଅଧକ୍ଷ ଯୁକ୍ତ ୩ ଦ୍ୱିତୀୟ ଓ ୪ର୍ଥ ସେମିଷ୍ଟାର କ୍ଲାସକୁ ମେ ୪ରୁ ୨୦ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି । ଏନେଇ ନୋଟିସ୍ ବୋର୍ଡରେ ନୋଟିସ୍ ହୋଇଛି । ଯଦି ରୁମ୍ ଅଭାବରୁ ଅଥବା ଅନ୍ୟ କେଉଁ କାରଣରୁ କ୍ଲାସ ବାତିଲ ହେଲା ତେବେ ଅନଲାଇନ କ୍ଲାସ କରିବାରେ ଅସୁବିଧା ନାହିଁ । ତେବେ ଅନଲାଇନ କ୍ଲାସକୁ ଆଦୌ ଗୁରୁତ୍ୱ ଦିଆଯାଇନି । ଏଭଳିସ୍ଥଳେ ୨ୟ ଓ ଚତୁର୍ଥ ସେମିଷ୍ଟାର କୋର୍ସ ଆରମ୍ଭ ହୋଇ ନାହିଁ । ୨ ମାସ ପରେ ପରୀକ୍ଷା ହେବ । ଛାତ୍ରୀଛାତ୍ର ପାଠ ନ ପଢ଼ି କିପରି ପରୀକ୍ଷା ଦେବେ । ଏନେଇ ମହାବିଦ୍ୟାଳୟର ଜଣେ ଛାତ୍ର ନାମ ଗୋପନ ରଖି କହିଛନ୍ତି ଅଭିଯୋଗ,ପ୍ରତିବାଦ କଲେ ହଇରାଣ ହରକତ କରାଯାଉଛି । ପାଠ ନ ପଢ଼ି ପରୀକ୍ଷା ଦେବା ଚିନ୍ତା ଘାରିଲାଣି ।

## ପ୍ରଥମ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା

**ନୟାଗଡ଼ ଅଫିସ,୩।୫**

ଇଟାମାଟି ଥାନା ଇକିରି ଗାଁରେ ପ୍ରଥମ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ୨ୟ ବିବାହ କରିବାକୁ ଉଦ୍ୟମ କରିବାରୁ ବିବାଦ ଦେଖା ଦେଇଛି। ଏନେଇ ପ୍ରଥମ ସ୍ତ୍ରୀ ଅଭିଯୋଗ କରିବା ପରେ ବିବାଦ ଘନୀଭୂତ ହୋଇଛି। ପ୍ରଥମ ସ୍ତ୍ରୀ ମମତା ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୮୯/୨୨)ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଶ୍ରୀରଘୁନାଥଜୀଉଙ୍କ ଚନ୍ଦନ ଯାତ୍ରା ଆରମ୍ଭ

**ଓଡ଼ଗାଁ,୩।୫(ସ୍ୱ.ପ୍ର.)**

ମଙ୍ଗଳବାର ଅକ୍ଷୟ ତୃତୀୟା ଅବସରରେ ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଶ୍ରୀଜୀଉ ଶ୍ରୀରାମ ସାଗରକୁ ବିଜେ କରିଛନ୍ତି । ଏହି ଅବସରରେ ସମସ୍ତ ନୀତି ଶେଷ ପରେ ଅପରାହ୍ନ ସାଢେ ୪ଟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ମଣି ବିମାନରେ ବିଜେ କରାଯାଇଥିଲା। ଅପରାହ୍ନ ୫ଟାରେ ଶ୍ରୀଜୀଉଙ୍କୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ଚାଳି ମଣ୍ଡପକୁ ଅଣାଯାଇ ଚାଟେରୀ ଭୋଗ ଲାଗି କରାଯାଇଥିଲା । ପ୍ରଭୁ ଚନ୍ଦନ ଯାତ୍ରାରେ ଶ୍ରୀରାମ ସାଗରକୁ ଶୋଭାଯାତ୍ରାରେ ବାହାରିବା ପୂର୍ବରୁ ଚାଳି ମଣ୍ଡପ ନିକଟରେ ମନ୍ଦିର ପରିଚ୍ଛା ସର୍ବଦେବାଦେବୀଙ୍କୁ ଚନ୍ଦନ ପୋଖରୀକୁ ଯାତ୍ରା କରିବାକୁ ମନ୍ତ୍ର ଉଚ୍ଚାରଣ ପୂର୍ବକ ନିମନ୍ତ୍ରଣ କରିଥିଲେ।। ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନୀ ମଧ୍ୟରେ ଶ୍ରୀଜୀଉ ବିଜେ କରିଥିବା ଡଙ୍ଗାରେ ସାଗର ମଧ୍ୟସ୍ଥ ନୀଳ ଜଳରାଶି ମଧ୍ୟରେ ଚାପ ଖେଳିଥିଲେ। ପ୍ରଥମ ଚାପ ବା ନୌବିହାର ପରେ ଶ୍ରୀଜୀଉମାନେ ସାଗର ମଧ୍ୟସ୍ଥ ଚନ୍ଦନ ଗୃହରେ ଥିବା ଚନ୍ଦନ କୁଣ୍ଡରେ ଘଣ୍ଟାଏ କାଳ ବୁଡି ରହିଥିଲେ । ଚନ୍ଦନ କୁଣ୍ଡରୁ ବାହାରିବା ପରେ ଶ୍ରୀଜୀଉ ପୁଣି ଥରେ ଚାପ ଖେଳରେ ମଜ୍ଜି ରହିଥିଲେ । ରାତି ପ୍ରାୟ ୮ଟାରେ ଶ୍ରୀଜୀଉଙ୍କୁ ସାଗର କୂଳରେ ଥିବା କୈବର୍ତ୍ତ ମଣ୍ଡପରେ ଭୋଗଲାଗି ହେବାପରେ ବିମାନରେ ବିଜେ କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

**ଶ୍ରୀରାମ ସାଗରକୁ ବିଜେ କଲେ ଶ୍ରୀଜୀଉ**



## ଚନ୍ଦନ ଚାପକୁ ବିଜେ ହେଲେ ଶ୍ରୀଜୀଉ

**ଖଣ୍ଡପଡ଼ା,୩।୫(ସ୍ୱ.ପ୍ର.)**

- ଛୋଟ ଚାପ ଡ଼ଙ୍ଗା ଯୋଗୁ ପାଣି ପଶିବାର ଭୟ
- ଠାକୁରଙ୍କ ପାଖରେ ୧୦୮ ଦୀପ ପ୍ରଜ୍ୱଳନ ହେଲା

ଶ୍ରୀ ନୀଳମାଧବ ଜୀଉଙ୍କ ପାରମ୍ପରିକ ଚନ୍ଦନଯାତ୍ରା ବହୁବର୍ଷ ବନ୍ଦ ରହିବା ପରେ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଆରମ୍ଭ ହୋଇଛି । ନୀଳମାଧବପ୍ରେମୀ ଭକ୍ତ ଓ ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଆଶା, ପ୍ରତୀକ୍ଷାର ଅନ୍ତ ଘଟାଇ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଲକ୍ଷ୍ମୀ, ସରସ୍ୱତୀ ଓ ଶିବ ପାର୍ବତୀଙ୍କୁ ସଙ୍ଗରେ ଧରି ଚନ୍ଦନ ପୁଷ୍କରିଣୀକୁ ଅପରାହ୍ନ ସାଢେ ୫ଟାରେ ବିଜେ କରିଥିଲେ । ଶ୍ରଦ୍ଧାଳୁମାନେ ଏହି ଦୃଶ୍ୟ ଦେଖି ଆନନ୍ଦରେ ନାଚି ଉଠିଥିଲେ । ଏକ ଆଧାତ୍ମିକ ପରିବେଶରେ ଶ୍ରୀଜୀଉମାନଙ୍କୁ ସେବାୟତମାନେ ହାନ୍ଦୋଳାରେ ଚାପ ଡଙ୍ଗାକୁ ବିଜେ କରାଇଥିଲେ । ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ମଣିବିମାନରେ



ବିଜେ ହୋଇଥିବା ଶ୍ରୀଜୀଉମାନଙ୍କୁ ଚନ୍ଦନ ପୋଖରୀକୁ ପାଛୋଟି ଆଣିଥିଲେ ।

କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ସମିତି ସଭ୍ୟା ଶିଖା ବେହେରା, ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ସଭ୍ୟ ସରୋଜ ମିଶ୍ର, ସରପଞ୍ଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା ଏବଂ ଶତାଧିକ ଗ୍ରାମବାସୀ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭିକେ ପାଣ୍ଡିଆନ ନୀଳମାଧବ କ୍ଷେତ୍ରର ବିକାଶ ନିମନ୍ତେ ୧୦୦ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିବାରୁ ସେମାନଙ୍କ ଶୁଭ କାମନା କରି ଠାକୁରଙ୍କ ପାଖରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା । ତେବେ ଶ୍ରୀଜୀଉଙ୍କ ଜଳକ୍ରୀଡା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଚାପ ଡଙ୍ଗା ଛୋଟ ହୋଇଥିବାରୁ ଚାପ ସମୟରେ ପାଣି ପଶିବାର ଭୟ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।